## ସଂକ୍ଷେପରେ

### ବିଦ୍ୟୁତ୍ ଫାଶରେ ପଡ଼ି ହାତୀ ମୃତ



ବନ୍ତଲା,୯।୭(ଡି.ଏନ.ଏ.): ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ ତଳଗଡ଼ ମାଟିଆସାହି ନିକଟରୁ ଶୁକ୍ରବାର ସକାଳେ ଏକ ଦନ୍ତା ହାତୀର ମୃତଦେହ ବନ ବିଭାଗ ଜବତ କରିଛି। ଜନ୍ତୁ ଶିକାର ପାଇଁ ବସାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ହାତୀଟିର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବନ୍ତଲା ରେଞ୍ଜ ଅଧିକାରୀଙ୍କ ସୂଚନା ଅନୁଯାୟୀ, ତଳଗଡ଼ ଗ୍ରାମର ଯୋଗୀନାଥ ପଧାନ (୪୮) ବିଦ୍ୟୁତ୍ ଫାଶ ବସାଇ ଜନ୍ତୁ ଶିକାର କରନ୍ତି। ଗୁରୁବାର ରାତିରେ ସେ ଘରୁ ବିଦ୍ୟୁତ୍ ସଂଯୋଗ ଆଣି ଜଙ୍ଗଲରେ ଜିଆଇ ତାର ବିଛାଇଥିଲେ। ହେଲେ ଉକ୍ତ ତାର ସଂସ୍ପର୍ଶରେ ଆସିଯିବାରୁ ଦନ୍ତା ହାତୀର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବରପାଇ ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ସାହୁ, ବନ୍ତଲା ପ୍ରାଣୀ ଚିକିତ୍ସକ, ଅନୁଗୋଳ ଡିଏଫ୍ଓ ପ୍ରସନ୍ନ ବେହେରା, ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ପ୍ରଦୀପ ରାଜ କରାଟେ ପହଞ୍ଚିବା ପରେ ମୃତ ହାତୀର ବ୍ୟବଚ୍ଛେଦ କରାଯାଇ ପୋତିଦିଆଯାଇଛି। ଦୁଇଟି ଦାନ୍ତକୁ ବନ ବିଭାଗ ଉଦ୍ଧାର କରିଛି। ଘଟଣାରେ ସମ୍ପୃକ୍ତ ଯୋଗୀନାଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜ ଅଧିକାରୀ ପ୍ରକାଶ କରିଛନ୍ତି।

### ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟଣା
### ତଦନ୍ତ ପରେ ଜଣାପଡ଼ିବ ସତ୍ୟାସତ୍ୟ-ସିଡିଏମ୍ଓ

କେନ୍ଦୁଝର,୯।୭(ସ୍ୱ.ପ୍ର.): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅଧୀନ ତଳକଇଁସାରି ପଞ୍ଚାୟତ ଉପର କାଇଁସାରୀ ଗ୍ରାମରେ ଜଣେ ୩୪ବର୍ଷୀୟ ଆଦିବାସୀ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ବିକାଶ ଦେହୁରୀ। ସେ ଯକ୍ଷ୍ମାରେ ଆକ୍ରାନ୍ତ ହୋଇ ଘରେ ଚିକିତ୍ସାଧୀନ ଥିଲେ। କେଉଁ କାରଣରୁ ତାଙ୍କର ମୃତ୍ୟୁ ହୋଇଛି, ତାହା ଠିକ୍ ଭାବେ ଜଣାପଡ଼ିନାହିଁ। ତେବେ ତାଙ୍କ ଦେହରେ ବହୁ ସଂଖ୍ୟାରେ ଚେଙ୍କ ଚିହ୍ନଥିବା ଦେଖିବାକୁ ମିଳିଥିଲା। ମୃତ ବିକାଶଙ୍କ ଦୁଇ ସନ୍ତାନ ଓ ସ୍ତ୍ରୀ ଅଛନ୍ତି। ଯକ୍ଷ୍ମା ରୋଗର ମାଗଣା ଚିକିତ୍ସା ବ୍ୟବସ୍ଥା ଥିବା ବେଳେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ କିଭଳି ଚେଙ୍କ ଦେଇ ଚିକିତ୍ସା କରାଯାଉଛି ତାହା ସାଧାରଣରେ ଚର୍ଚ୍ଚା ବିଷୟ ହୋଇଛି। ଏନେଇ କେନ୍ଦୁଝର ସିଡିଏମ୍ଓ ଅଶୋକ ଦାସ କହିଛନ୍ତି ତଦନ୍ତ ପରେ ଏହାର ପ୍ରକୃତ କାରଣ ଜଣାପଡ଼ିବ। ଶନିବାର ଏନେଇ ଏକ ଟିମ ପଠାଯାଇ ଅନୁଧାନ କରାଯିବ ବୋଲି ସେ କହିଛନ୍ତି।

### କରୋନା ଲାଗି ବିକଳ୍ପ ଶିକ୍ଷା ପଦ୍ଧତି ଉପରେ ଗବେଷଣା

ଭୁବନେଶ୍ୱର, ୯।୭(ବ୍ୟୁରୋ): କୋଭିଡ୍ ସମୟରେ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ତଥା ଅନ୍ୟ ଦେଶଗୁଡ଼ିକରେ ବିକଶିତ ହୋଇଥିବା ବିକଳ୍ପ ଶିକ୍ଷା ପଦ୍ଧତି ଉପରେ ୨ ଦିନିଆ ଅନ୍ତର୍ଜାତୀୟ ୱେବିନାର୍ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଅନୁସୂଚିତ ଜାତି, ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ଜନଜାତି ବ୍ୟାପାର ମନ୍ତ୍ରଣାଳୟର ସହଯୋଗ ଏବଂ ୟୁନିସେଫ୍ ଓଡ଼ିଶାର ସହଭାଗିତାରେ ଅନୁଷ୍ଠିତ ଏହି ୱେବିନାର୍‌ର ୨ୟ ଦିବସରେ ୨ଟି ବୈଷୟିକ ଅଧିବେଶନରେ ୫ଟି ଗବେଷଣାମୂଳକ ଉପସ୍ଥାପନା କରାଯାଇଛି। ସେଗୁଡ଼ିକ ମଧ୍ୟରେ ଶ୍ରୀଲଙ୍କା ଏବଂ ଆସାମ, କେରଳ ଓ ବିହାରରେ ପ୍ରଚଳିତ ହୋଇଥିବା ବିକଳ୍ପ ଶିକ୍ଷା ପଦ୍ଧତି ଏବଂ ପ୍ରଣାଳୀଗୁଡ଼ିକ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଉଭୟ ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ସଭାପତିତ୍ୱ କରିଛନ୍ତି। ଶ୍ରୀଲଙ୍କା ଓ ଅନ୍ୟ ଭାରତୀୟ ରାଜ୍ୟଗୁଡ଼ିକରେ ଗ୍ରହଣ କରାଯାଇଥିବା ପଦକ୍ଷେପରୁ ଯାହା ଶିକ୍ଷା ମିଳିଛି, ତାକୁ ଆଗାମୀ ଦିନରେ ଓଡ଼ିଶାରେ କିପରି ଆଦୃତ କରାଯାଇପାରିବ ସେନେଇ ମତବ୍ୟକ୍ତ କରିଛନ୍ତି। ଉଦ୍ଯାପନୀ ଉତ୍ସବରେ ଅନୁସୂଚିତ ଜାତି, ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଉପଦେଷ୍ଟା, ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରଫେସର ଅଖିଳ ବିହାରୀ ଓତା ଓ ୟୁନିସେଫ ଓଡ଼ିଶାର ଶିକ୍ଷା ବିଭାଗ ମୁଖ୍ୟ ଲଳିତା ପଟ୍ଟନାୟକ ଏହି ୱେବିନାର କୋଭିଡ୍ ସମୟରେ ଏକ ସୁଚିନ୍ତିତ ଉଚିତ ପଦକ୍ଷେପ ବୋଲି ମତ ପ୍ରକାଶ କରିଛନ୍ତି। ଶ୍ୱେତା ମିଶ୍ର ଦ୍ୱିତୀୟ ଦିନର ଅଧିବେଶନଗୁଡ଼ିକୁ ପରିଚାଳନା କରିବା ସହିତ ସମସ୍ତ ଅଂଶଗ୍ରହଣକାରୀ ବ୍ୟକ୍ତି ଓ ଅନୁଷ୍ଠାନକୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# କେନ୍ଦୁଝରରେ ହେବ ନର୍ସିଂ କଲେଜ

- କେନ୍ଦୁଝରରେ ଇସ୍ପାତ କାରଖାନା ନିଷ୍ପତ୍ତିକୁ ଜିଲାବାସୀଙ୍କ ସ୍ୱାଗତ
- ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ କୃତଜ୍ଞତା
- ସମସ୍ତଙ୍କ ସହଯୋଗ ରହିଲେ ପ୍ରକଳ୍ପ କାମ ଶୀଘ୍ର ଆରମ୍ଭ ହୋଇପାରିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ବ୍ୟୁରୋ)/ କେନ୍ଦୁଝର,୯।୭(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝରରେ ଖୁବ୍‌ଶୀଘ୍ର ସରକାରୀ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏଥିସହିତ ଏଠାରେ ଏକ ନୂଆ ନର୍ସିଂ କଲେଜ ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏଥିସହ ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ ପକ୍ଷରୁ କେନ୍ଦୁଝରରେ ୭୯୨୦ କୋଟି ଟଙ୍କା ବ୍ୟୟରେ ୩ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ସମନ୍ୱିତ ଇସ୍ପାତ ପ୍ରକଳ୍ପ ସ୍ଥାପନ ହେବ। ଚମ୍ପୁଆର କରାଖେନ୍ଦ୍ରାଠାରେ ଏହି ପ୍ରକଳ୍ପ ସ୍ଥାପନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ନିଷ୍ପତ୍ତି ପାଇଁ କୃତଜ୍ଞତା ଜଣାଇବା ସକାଶେ ଜିଲାର ନାଗରିକମାନଙ୍କ ପକ୍ଷରୁ ଏକ ଧନ୍ୟବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ କେନ୍ଦୁଝରରେ ଖଣି ସମୃଦ୍ଧ ଏକ ଇସ୍ପାତ କାରଖାନା ତାଙ୍କର ବହୁଦିନର ଇଚ୍ଛା ଥିଲା। ଜିଲାରେ ଇସ୍ପାତ ପ୍ରକଳ୍ପ ପାଇଁ ବିଧାୟକମାନଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ଓ ସବୁ ବର୍ଗର ଲୋକମାନେ ତାଙ୍କୁ ଅନୁରୋଧ ଜଣାଇଥିଲେ। ଜିଲାରେ ଇସ୍ପାତ ପ୍ରକଳ୍ପ ସାକାର ରୂପ ନେଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରିବା ସହିତ ତାହା ଯେପରି ଶୀଘ୍ର କାର୍ଯ୍ୟକ୍ଷମ ହୋଇପାରିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

କେନ୍ଦୁଝରର ବିକାଶ ପାଇଁ ବିଜୁବାବୁ ସବୁବେଳେ ତତ୍ପର ଥିଲେ। କେନ୍ଦୁଝରରେ ଆରମ୍ଭ ହୋଇଥିବା ମେଗା ପାଇପ ଜଳ ଯୋଗାଣ ଦ୍ୱାରା ସାରା ଜିଲାର ପ୍ରତି ଘରେ ଘରେ ଭଲ ପିଇବା ପାଣି ପହଞ୍ଚି ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ଜିଲାର ରାସ୍ତାଘାଟ ଉନ୍ନତି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ। ତେଣୁ ସବୁ ସରକାରୀ ପ୍ରକଳ୍ପ ଯେପରି ଠିକ୍ ସମୟରେ ଶେଷ ହୋଇପାରିବ ସେଥିପାଇଁ ମୁଖ୍ୟମନ୍ତ୍ରୀ ପୁଣି ଥରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ବିଜେଡି ଜିଲା ପର୍ଯ୍ୟବେକ୍ଷକ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟକ ଭାଗୀରଥି ସେଠୀ, ଜଗନ୍ନାଥ ନାୟକ, ମୀନାକ୍ଷୀ ମହାନ୍ତ, ପୂର୍ବତନ ବିଧାୟକ ସନାତନ ମହାକୁଡ ଓ ଜିତୁ ପଟ୍ଟନାୟକଙ୍କ ସମେତ ପଦ୍ମଶ୍ରୀ ଦୈତାରି ନାୟକ, କେନ୍ଦୁଝର ନାଗରିକ ଫୋରମ୍, ବରିଷ୍ଠ ନାଗରିକ ମଞ୍ଚ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଇସ୍ପାତ କାରଖାନା ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇଛନ୍ତି।



# ଭିତରକନିକାରେ ୮୧ କୁମ୍ଭୀର ବସା ଚିହ୍ନଟ

ରାଜନଗର, ୯।୭(ଡି.ଏନ.ଏ.)

ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତବର୍ଷ ୮୧ଟି କୁମ୍ଭୀର ବସା ଚିହ୍ନଟ ହୋଇଛି। ଗତ ବର୍ଷ ୧୦୩ଟି କୁମ୍ଭୀର ବସା ଚିହ୍ନଟ ହୋଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୮୧କୁ ଖସି ଆସିଛି। ବାତ୍ୟା ୟାସ ପ୍ରଭାବରେ କିଛି କୁମ୍ଭୀର ବସା ନଷ୍ଟ ହୋଇଥିଲା। ଚଳିତବର୍ଷ କନିକା ରେଞ୍ଜରେ ୬୭ଟି, ରାଜନଗର ରେଞ୍ଜରେ ୧୦ଟି, ମହାକାଳପଡା ରେଞ୍ଜରେ ୨ଟି, ଗହୀରମଥା ରେଞ୍ଜରେ ୨ଟି କୁମ୍ଭୀର ବସା ଚିହ୍ନଟ ହୋଇଛି। କନିକା ରେଞ୍ଜର ଡାଙ୍ଗମାଳ, ରଗଡାପାଟିଆ ଓ ମହିଁଷାମଡା ଫରେଷ୍ଟ ବ୍ଲକରେ ଅଧିକ ସଂଖ୍ୟାରେ କୁମ୍ଭୀର ବସା ଚିହ୍ନଟ ହୋଇଛି। ୨୦୧୮ରେ ୧୦୧ଟି କୁମ୍ଭୀର ବସା ଚିହ୍ନଟ ହୋଇଥିବା ବେଳେ ୨୦୧୯ରେ ୧୦୩ଟି ଓ ୨୦୨୦ରେ ୧୦୩ଟି କୁମ୍ଭୀର ବସା ଚିହ୍ନଟ ହୋଇଥିଲା। ଚଳିତ ବର୍ଷ ମେରେ ଭିତରକନିକା ଜଙ୍ଗଲ ଜୁଆର ପାଣିରେ ବୁଡି ରହିଥିଲା। ସେଥିପାଇଁ ଚଳିତ ବର୍ଷ କୁମ୍ଭୀର ବସା ସଂଖ୍ୟା କମିବା ସହିତ ପ୍ରଜନନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି।

# ମହାପ୍ରଭୁଙ୍କ ନବଯୌବନ ଦର୍ଶନ

- ନୀତିକାନ୍ତି ବିଳମ୍ବ
- ଦର୍ଶନରୁ ବଞ୍ଚିତ ହେଲେ ଶ୍ରଦ୍ଧାଳୁ
- ବଡ଼ଦାଣ୍ଡରେ ମୁଣ୍ଡିଆ ମାରିଲେ

ପୁରୀ ଅଫିସ, ୯।୭

୧୫ ଦିନିଆ ଅଣସର ସରିବା ପରେ ଶୁକ୍ରବାର ମହାପ୍ରଭୁ ନବଯୌବନ ଦର୍ଶନ ଦେଇଛନ୍ତି। ଖଡ଼ିଲାଗି ଓ ବନକଲାଗି ନୀତି ପରେ ନୂଆ ରୂପରେ ଚମକିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ତେବେ କରୋନା କଟକଣା ଯୋଗୁ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନରୁ ବଞ୍ଚିତ ହୋଇଥିବାବେଳେ ବଡ଼ଦାଣ୍ଡରେ ମୁଣ୍ଡିଆ ମାରି କୃତାର୍ଥ ଲଭିଛନ୍ତି।

ଗୁରୁବାର ରାତ୍ରରୁ ବନକଲାଗି ନୀତି ଅନୁଷ୍ଠିତ ହୋଇଥିବାବେଳେ ଶୁକ୍ରବାର ମଧ୍ୟାହ୍ନ ୧୨ଟା ପରେ ନବଯୌବନ ଦର୍ଶନ ହୋଇଛି। ତେବେ ନିର୍ଦ୍ଧାରିତ ସମୟଠାରୁ ପ୍ରାୟ ୪ଘଣ୍ଟା ବିଳମ୍ବରେ ନୀତିକାନ୍ତି ସରିଥିଲା। ଚଳିତବର୍ଷ ୩ଦିନ ଧରି ନବଯୌବନ ଦର୍ଶନ ଚାଲିବ। ଦୀର୍ଘ ୨୦ବର୍ଷ ପରେ ଏଭଳି ଦୁର୍ଲ୍ଲଭ ସଂଯୋଗ ସତ୍ତ୍ୱେ କୋଭିଡ୍ କଟକଣା ଯୋଗୁ ଏହି ଦର୍ଶନରୁ ଭକ୍ତଙ୍କୁ ବଞ୍ଚିତ ହେବାକୁ ପଡ଼ିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର କହିଛନ୍ତି, ନବଯୌବନ ନୀତିକାନ୍ତି ବିଳମ୍ବ ହୋଇଥିଲା ସତ, ମାତ୍ର ପରେ ସବୁ ଠିକ୍‌ଠାକ୍ ଚାଲିଥିଲା। ତେବେ ରଥଯାତ୍ରାରେ ପହଣ୍ଡି ଓ ରଥଟଣା ସମେତ ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ସରିବା ନେଇ ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନ ଆଶାବାଦୀ। ଅନ୍ୟପକ୍ଷରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ସମ୍ମୁଖ ବ୍ୟାରିକେଡ୍ ବାହାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରି ପତିତପାବନଙ୍କ ଦର୍ଶନ କରି ଫେରିଛନ୍ତି। ସହଧର୍ମିଣୀଙ୍କ ସହ ଭୁବନେଶ୍ୱରରୁ ଆସିଥିବା ସୁରେନ୍ଦ୍ର ମହାପାତ୍ର କହିଛନ୍ତି, ଦୀର୍ଘଦିନ ଧରି ନବଯୌବନ ଦର୍ଶନର ଆକାଂକ୍ଷା ମନ ଭିତରେ ରହିଥିଲା। ତାହା ଆଜି କେତେକାଂଶରେ ପୂରଣ ହୋଇଛି। କଟକଣା ଯୋଗୁ ଶ୍ରୀମନ୍ଦିରକୁ ଯିବାର ସୁଯୋଗ ମିଳି ନ ଥିଲେ ମଧ୍ୟ ବଡ଼ଦାଣ୍ଡରେ ପତିତପାବନଙ୍କୁ ଦର୍ଶନ କରି ମହାପ୍ରଭୁଙ୍କ ସାନ୍ନିଧ ଲାଭ କରିବା ଭଳି ମନେ କରୁଛି।

### ନୂଆ ଜାତୀୟ ଶିକ୍ଷାନୀତିର ଅଗ୍ରଗତି ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୯।୭(ବ୍ୟୁରୋ)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଶିକ୍ଷା ମନ୍ତ୍ରଣାଳୟର ୩ ରାଷ୍ଟ୍ରମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ସ୍ୱୟଂଶାସିତ ସଂସ୍ଥା ସହିତ ଆଲୋଚନା କରିଛନ୍ତି। ନୂଆ ଜାତୀୟ ଶିକ୍ଷା ନୀତି ୨୦୨୦(ଏନ୍‌ଇପି) କାର୍ଯ୍ୟକାରିତାର ଅଗ୍ରଗତି ନେଇ ସେ ସମୀକ୍ଷା କରିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି ଯେ, ୩୦ କୋଟି ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ କ'ଣ ପଦକ୍ଷେପ ନିଆଯିବ ତାହା ଉପରେ ଆଲୋକପାତ କରାଯାଇଛି। ନୂଆ ଶିକ୍ଷା ନୀତିର ଲକ୍ଷ୍ୟକୁ ନିର୍ଦ୍ଧାରିତ ସମୟରେ ପୂରଣ କରିବା ଦିଗରେ ଆଲୋଚନା କରାଯାଇଥିବା ଧର୍ମେନ୍ଦ୍ର କହିଛନ୍ତି।

# ଜବାବ ଦାଖଲ ଲାଗି ଭଦ୍ରକ, ଯାଜପୁର ଜିଲା ପ୍ରଶାସନର କ୍ଷେତ୍ର ଅନୁଧ୍ୟାନ



ଅଧିକାରୀମାନେ ଅନୁଧ୍ୟାନ କରୁଛନ୍ତି।

### ବୈତରଣୀ ମାମଲା ନେଇ ଏନ୍‌ଜିଟି ନୋଟିସ

ଭଣ୍ଡାରିପୋଖରୀ, ୯।୭ (ଡି.ଏନ.ଏ.)

ବୈତରଣୀ ନଦୀଶଯ୍ୟାରେ ନିର୍ମାଣ ବିରୋଧରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ରେ ଆଗତ ମାମଲାରେ ନୋଟିସ୍‌ର ଜବାବ ଦାଖଲ ପାଇଁ ଶୁକ୍ରବାର ଭଦ୍ରକ ଓ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ କ୍ଷେତ୍ର ଅନୁଧ୍ୟାନ କରାଯାଇଛି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଯାଜପୁର ଜଳସମ୍ପଦ ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲ, ପାଣିକୋଇଲି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅରୁଣ ପଟ୍ଟନାୟକ, ଯାଜପୁର ମଙ୍ଗଳ ଅଧିକାରୀ ସୁଦର୍ଶନ ପାତ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା, ଯାଜପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଭଦ୍ରକ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅରୁଣ ମହାପାତ୍ର, ଉପଜିଲାପାଳ ପୀତାମ୍ବର ସାମଲ, ଭଣ୍ଡାରିପୋଖରୀ ତହସିଲଦାର କ୍ଷୀରୋଦ ପଣ୍ଡା ପ୍ରମୁଖ ଜଗନ୍ନାଥପ୍ରସାଦ ବାଲିପୋଖରୀ ଏସ୍‌କେପ୍ ଅଞ୍ଚଳ ଅନୁଧ୍ୟାନ କରିଛନ୍ତି।

ପ୍ରକାଶ ଯେ, ଯାଜପୁର ଓ ଭଦ୍ରକ ଜିଲାର ଭୌଗୋଳିକ ସୀମା ନିର୍ଦ୍ଧାରଣ କରୁଥିବା ବୈତରଣୀ ଆଖୁଆପଦା ଆନିକଟଠାରୁ ଅନତି ଦୂରରେ ଯାଜପୁର ପାର୍ଶ୍ୱ ନଦୀଶଯ୍ୟାରେ ରହିଛି ଶାଖା ନଦୀ 'କୁସି'। କୁସି ନଦୀ ମୁହାଣ ଶଙ୍ଖାରିମୁହିଁକୁ କଂକ୍ରିଟ ବନ୍ଧ ଦ୍ୱାରା ଅବରୋଧ କରାଯିବା ସହ ଶେଷ ସୀମା ବାରୁଣୀ ଘାଟ ପର୍ଯ୍ୟନ୍ତ କଂକ୍ରିଟ କାନ୍ଥ ଦ୍ୱାରା ସୁରକ୍ଷା ଦିଆଯାଇଛି। ସେହିପରି ବୈତରଣୀ ଡାହାଣ ଓ ବାମପାର୍ଶ୍ୱ ନଦୀଶଯ୍ୟାରେ ଥିବା ପଣସା ଓ ଅନ୍ୟ ବସ୍ତିକୁ ସୁଦୃଢ଼ ଘେରିବନ୍ଧ ଦ୍ୱାରା ସୁରକ୍ଷା ଦିଆଯାଇଛି। ଏହି ନିର୍ମାଣ କାର୍ଯ୍ୟରେ ଜଳ ସମ୍ପଦ ବିଭାଗ ବଦଳରେ ପୂର୍ତ୍ତ ବିଭାଗକୁ ନିୟୋଜିତ କରାଯାଇଥିବା ବେଳେ ପରିବେଶ ମଞ୍ଜୁର ନିଆଯାଇ ନାହିଁ। ଶଙ୍ଖାରିମୁହିଁ ଅପରପାର୍ଶ୍ୱରେ ରହିଛି ବାଲିପୋଖରୀ ଏସ୍‌କେପ୍। ଡାହାଣପାର୍ଶ୍ୱରେ ବନ୍ୟା ଜଳକୁ ସଙ୍କୁଚିତ କରାଯାଇ ବାମପାର୍ଶ୍ୱ ବାଲିପୋଖରୀ ଏସ୍‌କେପ ମଧ୍ୟ ଦେଇ ନଦୀର ସବୁ ବନ୍ୟାଜଳ ପ୍ରବାହ ପାଇଁ ଷଡ଼ଯନ୍ତ୍ର କରାଯାଇଛି। ଏ ସମ୍ପର୍କରେ ଏନ୍‌ଜିଟିରେ କୋଲକାତା ବେଞ୍ଚରେ ଆବେଦନକାରୀ ଆଞ୍ଚଳିକ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି ଆବାହକ ଡ. ସୁଧୀର ଜେନାଙ୍କ ଉପସ୍ଥିତିରେ ମାମଲା କରାଯାଇଥିଲା। ଗତ ଜୁନ ୧୦ରେ ଏହି ମାମଲାର ଶୁଣାଣି କରାଯାଇ ଭଦ୍ରକ, ଯାଜପୁର ଜିଲାପାଳ, ରାଜ୍ୟ ଜଳ ସମ୍ପଦ, ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜବାବ ଦାଖଲ ପାଇଁ ନୋଟିସ ଜାରି କରାଯାଇଥିଲା। ଆସନ୍ତା ୧୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଛି। ଉଭୟ ଜିଲା ପ୍ରଶାସନ ମିଳିତ ଅନୁଧ୍ୟାନ କରିବା ସମୟରେ ଆବେଦନକାରୀଙ୍କ ପକ୍ଷରୁ ୧୯ ଦଫା ସମ୍ବଳିତ ପତ୍ର ପ୍ରଦାନ କରାଯାଇଛି।

# ପରିବାର ଅଦାଲତରେ ହାଜର ହେଲେ ବର୍ଷା-ଅନୁଭବ

### ପାରିବାରିକ ବିବାଦ ମାମଲା

କଟକ ଅଫିସ, ୯।୭

ଅନେକ ବାଦବିବାଦ ପରେ ଶୁକ୍ରବାର କଟକ ପରିବାର ଅଦାଲତଙ୍କ ମଧ୍ୟସ୍ଥତା କେନ୍ଦ୍ରରେ କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ ହାଜର ହୋଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ ୨ ଘଣ୍ଟାରୁ ଅଧିକ ସମୟ ଧରି ବୁଝାଶୁଝା କରାଯାଇଥିଲା। ହେଲେ କୌଣସି ସହମତି ପ୍ରକାଶ ପାଇ ନ ଥିଲା। ଆସନ୍ତା ୧୪ରେ ପୁଣି ଉଭୟେ ହାଜର ହେବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ସେହିଦିନ ମାମଲାର ସମାଧାନ ନ ହେଲେ କୋର୍ଟ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ। ଅନ୍ୟପକ୍ଷରେ ବର୍ଷା ଓ ଅନୁଭବ ମଧ୍ୟସ୍ଥତା ପାଇଁ ସକାରାତ୍ମକ ମନୋଭାବ ଦେଖାଉଥିଲେ। ଉଭୟଙ୍କ ବିବାଦର ସମାଧାନ ପାଇଁ ସହମତି ହୋଇପାରେ ବୋଲି ବର୍ଷାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ରାମକୃଷ୍ଣ ରଥ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ବର୍ଷା ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନକୁ ଏଡାଇ ଯାଇଥିବାବେଳେ ଅନୁଭବ କହିଛନ୍ତି, ଆଇନ ତା ବାଟରେ ଯିବ। ଏହା ହେଉଛି ବ୍ୟକ୍ତିଗତ ଜୀବନ। ସେ ବିଷୟରେ କାହା ସହିତ ଆଲୋଚନା କରିବା କଥା ନୁହେଁ।

ସୂଚନାଯୋଗ୍ୟ, ଉଭୟଙ୍କ ମଧ୍ୟରେ ଲାଗି ରହିଥିବା ବିବାଦକୁ ନେଇ ପରିବାର ଅଦାଲତରେ ମାମଲା ଦାଏର ହୋଇଥିଲା। କୋର୍ଟ ଉଭୟଙ୍କୁ ହାଜର ହେବାକୁ ନୋଟିସ ଜାରି କରିଥିଲେ। ନିର୍ଦ୍ଦେଶାନୁଯାୟୀ, ବର୍ଷା କୋର୍ଟରେ ହାଜର ହେଉଥିବାବେଳେ ଅନୁଭବ ଆସୁ ନ ଥିଲେ। ଆଉ କେତେବେଳେ ଅନୁଭବ ଆସୁଥିଲେ ମଧ୍ୟ ବର୍ଷା ଆସୁ ନ ଥିଲେ। ତେଣୁ ଉଭୟଙ୍କ ମଧ୍ୟରେ ଥିବା ବିବାଦ ସମାଧାନ ହୋଇପାରୁ ନ ଥିଲା।

# ୩୨ ଲକ୍ଷ ଶ୍ରମିକ ପାଇଲେ ୩୫୨ କୋଟି

### ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା

ଭୁବନେଶ୍ୱର,୯।୭(ବ୍ୟୁରୋ)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍.ଜି.ଏନ୍.ଆ.ର୍.ଇ.ଜି.ଏ.ସ୍.)ରେ ନିୟୋଜିତ ଶ୍ରମିକମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିଛନ୍ତି। ଏଥିରେ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ କାମ କରିଥିବା ଶ୍ରମିକମାନଙ୍କୁ ସେମାନଙ୍କର ପ୍ରତ୍ୟେକ ଦିନର ମଜୁରି ସହିତ ଅତିରିକ୍ତ ୫୦ ଟଙ୍କା ପ୍ରଦାନ କରାଯାଇଛି। ଉକ୍ତ ସହାୟତା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଛି। ଏହାଦ୍ୱାରା ପ୍ରତ୍ୟେକ ଶ୍ରମିକ ୪୫୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ମଜୁରି ପାଇଛନ୍ତି। ସମୁଦାୟ ୩୨ ଲକ୍ଷ ଶ୍ରମିକଙ୍କୁ ୩୫୨ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଗରିବ ଲୋକଙ୍କ ପାଇଁ ଏପରି ଉଦ୍ୟମ ଜାରି ରହିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଜିଲା ସ୍ତରରେ ଅଧିକ ଶ୍ରମଦିବସ ସୃଷ୍ଟି କରି ଗରିବ ଲୋକଙ୍କୁ ରୋଜଗାର ଦେବା ପାଇଁ କାମ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲକ୍‌ଡାଉନ, ଶଟ୍‌ଡାଉନ ଯୋଗୁ ଗରିବ ଲୋକଙ୍କ ରୋଜଗାର କମିଛି। ତେଣୁ ଲୋକଙ୍କ ଜୀବିକା ଉପରେ ଧ୍ୟାନ ଦେଇ ରାଜ୍ୟ ସରକାର ଚାଷୀ, ଶ୍ରମିକ, ଦୁଗ୍ଧ ଚାଷୀ, ଉଠାଦୋକାନୀଙ୍କ ପାଇଁ ୧୬୯୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି। ଏଥିରେ ଶ୍ରମିକମାନଙ୍କ ପାଇଁ ୩୫୨ କୋଟି ଟଙ୍କାର ସହାୟତା ରହିଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗତବର୍ଷ ୨୦ କୋଟି ଶ୍ରମ ଦିବସ ସୃଷ୍ଟି ହୋଇଥିବା ବେଳେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୭ କୋଟି ଶ୍ରମ ଦିବସ ସୃଷ୍ଟି ହୋଇପାରିଛି। ବର୍ଷ ଶେଷ ସୁଦ୍ଧା ୨୫ କୋଟି ଶ୍ରମ ଦିବସ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି . କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ବିଭିନ୍ନ ଜିଲାର ଜିଲାପାଳ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଘରେ ନିଆଁ, ବାହାରେ ହାତୀ

### ଦନ୍ତା ଉତ୍ପାତରେ ପରିବାର ସର୍ବସ୍ୱାନ୍ତ
### ବର୍ତ୍ତିଲେ ୪ ସଦସ୍ୟ

ବାରିପଦା ଅଫିସ/ ବୈଶିଙ୍ଗା, ୯।୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଧୀନ ଫୁଲଝରୀ ଗ୍ରାମରେ ଶିମିଳିପାଳରୁ ଆସିଥିବା ଦନ୍ତା ଉତ୍ପାତରେ ଗୋଟିଏ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ହାତୀ ଯୋଗୁ ନିଆଁ ଲାଗି ତାଙ୍କର ୨ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଘରେ ନିଆଁ ଜଳୁଥିବା ବେଳେ ବାହାରେ ହାତୀ ଜଗି ରହିଥିଲା। ବିପଦରୁ ବର୍ତ୍ତିବା ପାଇଁ ପରିବାରର ୪ ସଦସ୍ୟ ପଛପଟ ଝରକା ତାଡ଼ି ବାହାରକୁ ବାହାରିବା ସହ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ଗାଁରେ ପଶି ବ୍ୟାପକ ତାଣ୍ଡବ ରଚିଥିଲେ। ଗ୍ରାମର ସୁରାଇ ମୁର୍ମୁଙ୍କ ଘର ଚାଳରୁ ଏକ ଦନ୍ତା ନଡ଼ା ଟାଣି ଖାଇଥିଲା। ରୋଷେଇ ଘର ଚୁଲିରୁ ନିଆଁ ଲିଭି ନ ଥିବା ଯୋଗୁ ଛପରରୁ ନଡ଼ା ଖସି ଘରେ ନିଆଁ ଲାଗି ଯାଇଥିଲା। ଘରେ ନିଆଁ ଜଳୁଥିବା ବେଳେ ବାହାରେ ଦନ୍ତା ଜଗି ରହିବା ଦେଖି ପରିବାରର ୪ ସଦସ୍ୟ ଜୀବନ ବଞ୍ଚାଇବା ପାଇଁ କବାଟ ବନ୍ଦ କରି ରହିଥିଲେ। ତେବେ ବାହାରକୁ ବାହାରିବା ପାଇଁ ବାରମ୍ବାର ଚେଷ୍ଟା କରିଥିବା ବେଳେ ହାତୀ ଭୟରେ ବାହାରି ପାରି ନ ଥିଲେ। ସେମାନଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ପହଞ୍ଚି ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ମାତ୍ର ହିଂସ୍ର ହୋଇଥିବା ଦନ୍ତାଟି ସେଠାରୁ ଯାଇ ନ ଥିଲା। ଫଳରେ ଘରର ପଛପଟ ଝରକା ତାଡ଼ି ସୁରାଇଙ୍କ ସହ ଝିଅ ହିସୀ, ଭାଇ ରାମଚନ୍ଦ୍ର ଓ ଭାଉଜ ଲକ୍ଷ୍ମୀ ବାହାରକୁ ଆସିଥିଲେ। ନିଆଁ ଲାଗି ସୁରାଇଙ୍କ ଘରେ ଥିବା ସମସ୍ତ ଆସବାବପତ୍ର,ଦରକାରୀ କାଗଜପତ୍ର ଓ ଧାନଚାଉଳ ପୋଡ଼ି ନଷ୍ଟ ହୋଇଯାଇଛି। ବିପନ୍ନ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବେତନଟୀ ରେଞ୍ଜର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ତେବେ ଦୀର୍ଘ ଦିନ ଧରି ଏହି ହାତୀପଲ ଗାଁ ଜଙ୍ଗଲ ଛାଡ଼ି ଶିମିଳିପାଳକୁ ଯାଉ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଛି। ବନବିଭାଗ ହାତୀର ଗତିବିଧି ଉପରେ ନଜର ରଖିଥିବା ସୂଚନା ଦେଇଛି।



ନିଆଁ ଲାଗି ପୋଡ଼ିଯାଇଥିବା ଘର।

## କୁଟିଣ୍ଡା କଂଗ୍ରେସର ସାଇକେଲ ଶୋଭାଯାତ୍ରା

କୁଟିଣ୍ଡା,(ଡି.ଏନ.ଏ.): ଡିଜେଲ, ପେଟ୍ରୋଲ, ଗ୍ୟାସ୍, ଖାଇବ ତେଲ ଆଦି ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ଶୁକ୍ରବାର କୁଟିଣ୍ଡା ନଗର ଓ ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନରୁ ଏକ ସାଇକେଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରଥିଲା। ଏଥିରେ ନଗର କଂଗ୍ରେସ ସଭାପତି ତଥା ପୂର୍ବତନ ନଗରପାଳ ଅଖିଳ ପ୍ରତାପ ସିଂ, ଟୁଲୁ ଶର୍ମା, ବିରଞ୍ଚି ନାରାୟଣ ସାହୁ, ଟୁନା ମହାନନ୍ଦ, ଦିବ୍ୟରାଜ ବାରିକ ପ୍ରମୁଖ ସାମିଲ ହୋଇଥିଲେ। ନେତା ଓ କର୍ମୀମାନେ ଦଳୀୟ ପତାକା ଓ ସାଇକେଲରେ ପ୍ଲାକାର୍ଡ ଲଗାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ।

## ସଂକ୍ଷେପରେ

### ଶିବନାରାୟଣଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି

ସମ୍ବଲପୁର,୯।୭(ବ୍ୟୁରୋ): ସମ୍ବଲପୁର ଗାୟତ୍ରୀ କଲେଜ ଅଫ୍ ଫାର୍ମାସି ସମ୍ପାଦକ ତଥା ଶିକ୍ଷାବିତ୍ ଶିବନାରାୟଣ ଶତପଥିଙ୍କୁ



ବିଶ୍ୱମାନବ ଅଧିକାର ସୁରକ୍ଷା ଆୟୋଗ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଛନ୍ତି। ଏଥିପାଇଁ ଶିକ୍ଷାବିତ୍ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବରଗଡ ଜିଲା ରେମଣ୍ଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଶିବନାରାୟଣ ଉଚ୍ଚଶିକ୍ଷା ପରେ ସମ୍ବଲପୁର ଟାଉନ ହାଇସ୍କୁଲରୁ ହିନ୍ଦୀ ଶିକ୍ଷକ ଭାବେ ଅବସର ଗ୍ରହଣ କରିଛନ୍ତି। ସେ ଏକାଧାରରେ ନାଟ୍ୟନିର୍ଦ୍ଦେଶକ, ଅଭିନେତା, ସାଂସ୍କୃତିକ ସଂଗଠକ, ଆକାଶବାଣୀ ସମ୍ବଲପୁରର ସ୍ୱୀକୃତିପ୍ରାପ୍ତ ନାଟ୍ୟଶିଳ୍ପୀ। ଏଥିସହ ଉତ୍କଳ ଶିକ୍ଷକ ମହାସଂଘ, ସମ୍ବଲପୁରୀ ସାହିତ୍ୟ ସଂଗୀତ ଏକାଡେମୀ, ସମ୍ବଲପୁର ନାଟ୍ୟକଳା ପରିଷଦର କର୍ମକର୍ତ୍ତା ଭାବେ ଦକ୍ଷତା ପ୍ରତିପାଦନ କରିଛନ୍ତି। ସାଙ୍ଗଠନିକ ନେତୃତ୍ୱ ସଂକଳ୍ପପଥ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟଧାରା ନିମନ୍ତେ ବିଶ୍ୱ ମାନବ ଅଧିକାର ଆୟୋଗ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିବା ଲାଗି ମନୋନୀତ କରିଥିଲେ।

### ଜାତୀୟ ଫୁଟ୍‌ବଲ ଖେଳାଳିଙ୍କୁ ନିଯୁକ୍ତି ଦାବି

ସମ୍ବଲପୁର,୯।୭ (ବ୍ୟୁରୋ): ସମ୍ବଲପୁର ମହିଳା ଫୁଟବଲ ଦଳର ଖେଳାଳିମାନେ ଜାତୀୟ ମ୍ୟାଚ ଖେଳି ସୁନାମ ଅର୍ଜନ କରିଛନ୍ତି। କିନ୍ତୁ ସେମାନଙ୍କୁ କୌଣସି ଚାକିରି ମିଳୁନାହିଁ। ଜିଲା ପ୍ରଶାସନ ସେମାନଙ୍କୁ କୌଣସି ସରକାରୀ ସଂସ୍ଥା କିମ୍ବା କାରଖାନାରେ ନିଯୁକ୍ତି ଦେବାକୁ ଦାବି ହୋଇଛି। ଶୁକ୍ରବାର ୧୩ ଜଣ ଫୁଟବଲ ଖେଳାଳି ଓଡିଶା ଆଦିବାସୀ ଦଳିତ ସେନା ନେତୃତ୍ୱରେ ଜିଲାପାଳ ଦାୟିତ୍ୱରେ ଥିବା ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### କଂଗ୍ରେସ ପକ୍ଷରୁ ସାଇକେଲ ରାଲି

ଝାରସୁଗୁଡ଼ା ଅଫିସ,୯।୭: ତୈଳଦର ବୃଦ୍ଧି ପ୍ରତିବାଦରେ ବେଲପାହାଡ ଟାଉନ କଂଗ୍ରେସ ତରଫରୁ ସଭାପତି ଭାସ୍କର ପଟେଲଙ୍କ ନେତୃତ୍ୱରେ ଶୁକ୍ରବାର ସାଇକେଲ୍ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲି ବେଲପାହାଡ ଫାଟକରୁ ବାହାରି ଟାଉନ୍ ପରିକ୍ରମାକରି ଶହୀଦ ସ୍ତମ୍ଭ ନିକଟରେ ପହଞ୍ଚିଥିଲା। ଦଳୀୟ କର୍ମକର୍ତ୍ତା ପୋଷ୍ଟର, ବ୍ୟାନର ଧରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏଥିରେ ଟାଉନ କଂଗ୍ରେସର ସଭାପତି ପଟେଲ, ଧର୍ମାନନ୍ଦ ମେହେର, ଚିତ୍ତରଞ୍ଜନ ରଥ, ହୀରାଧର ମାଝି, ସାହେବ ପ୍ରଧାନ, ଯୁବନେତା ହେମସାଗର ପଟ୍ଟନାୟକ, ରୋଶନ ରଥ,ମହମ୍ମଦ ସାଜିଦ୍ ଓ କୃଷ୍ଣ ଲୁହାର ପ୍ରମୁଖ ସାମିଲ ହୋଇଥିଲେ।

### ତିଲେଇବଣି ବ୍ଲକ କାର୍ଯ୍ୟାଳୟ ଘେରିଲା ଭାଜପା

ଦେବଗଡ଼,୯।୭(ଡି.ଏନ.ଏ): ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗରେ ଦେବଗଡ଼ ଜିଲା ଭାଜପା ପକ୍ଷରୁ ଶୁକ୍ରବାର ତିଲେଇବଣି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଦେବଗଡ଼ ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ, ତିଲେଇବଣି ବ୍ଲକ ଅଧକ୍ଷା ସୁବାସିନୀ ଦେହୁରୀ, ଜିଲା ପରିଷଦ ସଦସ୍ୟା ବୃନ୍ଦାବତୀ ଭୋଇ, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ, ସୁଗୁଡା ମଣ୍ଡଳ ସଭାପତି ଯୋଗେଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଭାଜପା ନେତା ରଞ୍ଜିତ କୁମାର ପଟେଲ,ପ୍ରମୁଖ ଶୋଭାଯାତ୍ରାରେ ବାହାରି ତିଲେଇବଣି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତିଲେଇବଣୀ ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ସ୍ମାରକପତ୍ର ଦେଇଥିଲେ ।

### ଉତ୍କଳମଣିଙ୍କ ଶ୍ରାଦ୍ଧବାର୍ଷିକୀ

ବ୍ରଜରାଜନଗର, ୯।୭ (ଡି.ଏନ.ଏ.): ବ୍ରଜରାଜନଗର ଗୋପବନ୍ଧୁ ଛକଠାରେ ଉତ୍କଳମଣୀ ଗୋପବନ୍ଧୁଙ୍କର ୯୩ ତମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। ଟାଉନ ବିଜେଡି ସଭାପତି ରାଧାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ବହୁ ବୁଦ୍ଧିଜୀବୀ ଅଂଶଗ୍ରହଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଉତ୍କଳମଣୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବରିଷ୍ଠ ବିଜେଡି ନେତା ଜୟନ୍ତ ଦିକ୍ଷିତ, ନୃପଲାଲ ତାଣ୍ଡି, ଚିକି ତ୍ରିପାଠୀ, କ୍ଷୀରୋଦ ରାଉତ ଯୋଗଦାନ କରିଥିଲେ।

# ୩ଶହ ଲୋକଙ୍କୁ ଗୋଟିଏ ନଳକୂଅ

ରାଉରକେଲା ଅଫିସ୍, ୯।୭

ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ବଲାଣୀ ପଞ୍ଚାୟତ ଅଧୀନ ଟିମଜୋର ଖଡ଼ିଆସାହିରେ ପାନୀୟଜଳ ସଙ୍କଟ ଦେଖାଦେଇଛି। ଖଡ଼ିଆସାହିରେ ୪୦ରୁ ଊର୍ଦ୍ଧ୍ୱ ପରିବାରର ପ୍ରାୟ ୩ଶହ ଏବଂ ପୁରାନ ବସ୍ତିରେ ୭ ପରିବାରର ପ୍ରାୟ ୩୦ ଲୋକ ବସବାସ କରନ୍ତି। ସାହିରେ କେବଳ ଗୋଟିଏ ନଳକୂଅ ଥିବାରୁ ପାଣି ପାଇଁ ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ନଳକୂଅରୁ ପାଣି ନେବାକୁ ହେଲେ ମହିଳାମାନଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ସକାଳ ହେବା ମାତ୍ରେ ପାଣି ପାଇଁ ସାହିର



ମହିଳାମାନେ ନଳକୂପରୁ ପାଣି ସଂଗ୍ରହ କରୁଛନ୍ତି।

ମହିଳାମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲୁଛି। ଅନେକ ସମୟରେ ଏହାକୁ ନେଇ ନିଜ ନିଜ ଭିତରେ ପାଟିତୁଣ୍ଡ ମଧ୍ୟ ହେଉଛି। ଦୀର୍ଘ ବର୍ଷ ଧରି ସେମାନେ

**ଟିମଜୋର ଖଡ଼ିଆସାହିରେ ପାନୀୟ ଜଳସଙ୍କଟ**

ପାଣି ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ଏହାର ସମାଧାନ ପାଇଁ ପଞ୍ଚାୟତରୁ ବ୍ଲକ ପ୍ରଶାସନ ଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ସରକାର ଖଡିଆସାହିରେ ଆଉ ଗୋଟେ ନଳକୂଅ ଖନନ କରିବା ବ୍ୟବସ୍ଥା କଲେ ପାଣି ସମସ୍ୟା ଦୂର ହୋଇପାରନ୍ତା ବୋଲି ସାହିର ସଚେତନ ମହିଳା ସନିଆ ଖଡ଼ିଆ, ଶୁଭା ମିଞ୍ଜ, ଗୁରୁବାରୀ ଖଡ଼ିଆ, ପୂଜା ଖଡ଼ିଆ, ବବି ଖଡ଼ିଆ, ଯଶୋଦା ମିଞ୍ଜ ପ୍ରମୁଖ କହିଛନ୍ତି।

# ବ୍ରହ୍ମପୁରା ଠାକୁରଙ୍କ ନେତ୍ରୋତ୍ସବ



ଶୁକ୍ରବାର ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କ ନେତ୍ରୋତ୍ସବ।

ସମ୍ବଲପୁର,୯।୭ (ବ୍ୟୁରୋ)

ସମ୍ବଲପୁର ସହରସ୍ଥିତ ୨୭ଟି ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ନେତ୍ରୋତ୍ସବ ନୀତି ସମ୍ପନ୍ନ ହୋଇଛି । ସର୍ବପୁରାତନ ଝାଡୁଆପଡା ବ୍ରହ୍ମପୁରା ମହାପ୍ରଭୁଙ୍କ ସକାଳ ୭ଟାରେ ପ୍ରାତଃ ଆଳତି ହୋଇଥିଲା। ଏହାପରେ ୯ଟାରେ ନେତ୍ରୋତ୍ସବ ନୀତି ଆରମ୍ଭ ହୋଇଥିଲା। ମନ୍ଦିର ପୂଜକ ସନ୍ତୋଷ ପଣ୍ଡା, ପ୍ରାଣରଞ୍ଜନ ପଣ୍ଡା, ସୁଧାଂଶୁ ବାବୁ ଓ ସୀତାରାମ ସୁପକାର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ନିରଞ୍ଜନ ପୂଜାରୀ ଓ ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ ହୋମକାର୍ଯ୍ୟ କରିଥିଲେ। ଶନିବାର ମହାପ୍ରଭୁଙ୍କ ନବଯୌବନ ବେଶ ହେବ ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚିତ କରାଯାଇଛି ।

# ଭାଜପାର ବ୍ଲକ କାର୍ଯ୍ୟାଳୟ ଘେରାଉ

ଝାରସୁଗୁଡ଼ା ଅଫିସ,୯।୭

ଝାରସୁଗୁଡା ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି ଭାଜପା ଆନ୍ଦୋଳନକୁ ଓହ୍ଲାଇଛି। ଏହି ପରିପ୍ରେକ୍ଷୀରେ ଦଳ ପକ୍ଷରୁ ଶୁକ୍ରବାର ଲଖନପୁର ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ସଞ୍ଜୀବ ପଟେଲଙ୍କୁ ସ୍ମାରକପତ୍ର ଦିଆଯାଇଛି। ଏହାର ତଦନ୍ତ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବା ସହିତ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏଥିରେ ଭାଜପା ଜିଲା ସଭାପତି ମଙ୍ଗଳ



ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲଖନପୁର ବିଡିଓଙ୍କୁ ସ୍ମାରକପତ୍ର ଦିଆଯାଉଛି ।

ସାହୁ, ସାଧାରଣ ସମ୍ପାଦକ ଚକାନନ ସା, ଜିଲାପରିଷଦ ସାମଲ ନାଏକ, ଏମ୍‌ପି ପ୍ରତିନିଧି ରଘୁନନ୍ଦନ ପଣ୍ଡା, ସୁଦାମ ପ୍ରଧାନ, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଷଡଙ୍ଗୀ, ଜିଲା ଯୁବମୋର୍ଚ୍ଚା ସଭାପତି ମହେଶ୍ୱର ନାୟକ, ଜିଲା ଆଡ୍‌ଭାଇଜ୍ ମୋର୍ଚ୍ଚା ସଭାପତି ଉତ୍ତମ ନେଗୀ, ସରପଂଚ ରୂପସୀ ସେଠ୍, ଲଖନପୁର ମଣ୍ଡଳ ସଭାପତି ଅଶ୍ୱିନୀ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# ‘ଜନସାଧାରଣଙ୍କ ଦାୟିତ୍ୱ ସରକାରଙ୍କର’

ସମ୍ବଲପୁର,୯।୭ (ବ୍ୟୁରୋ)

ଜନସାଧାରଣଙ୍କ ଦାୟିତ୍ୱ ସରକାରଙ୍କର। ମହାମାରୀ ପାଇଁ ଦେଶରେ ସ୍ଥିତି ସଙ୍ଗୀନ ହୋଇଛି। ସମସ୍ତ ବର୍ଗର ଲୋକେ ପ୍ରଭାବିତ ହୋଇଛନ୍ତି। ଏହାକୁ ମୁକାବିଲା ପାଇଁ ସରକାର ଉଚିତ ପଦକ୍ଷେପ ଗ୍ରହଣ କରି ନିଜ ଦାୟିତ୍ୱ ବହନ କରନ୍ତୁ ବୋଲି ସ୍ୱାଧୀନତା ସଂଗ୍ରାମୀ ଦୟାନନ୍ଦ ଶତପଥିଙ୍କ ୧୧୩ତମ ଜୟନ୍ତୀ ଅବସରରେ ବିଶ୍ୱ ମହାମାରୀ ଭାରତ ପ୍ରସଙ୍ଗ ଶୀର୍ଷକ ଆଲୋଚନାରେ ଡାଉନ ଟୁ ଆଥ୍ ଇଂରାଜୀ ପାକ୍ଷିକ ପତ୍ରିକାର ପରିଚାଳନା ସମ୍ପାଦକ ରିଚାଡ୍ ମହାପାତ୍ର ମତ ରଖିଥିଲେ। ଭର୍ଚୁଆଲ ଜରିଆରେ ପୂର୍ବତନ କୁଳପତି ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋଭିଡ୍ ଦେଶରେ ଆର୍ଥିକ, ସାମାଜିକ ଓ ରାଜନୈତିକ ଜୀବନକୁ ପ୍ରଭାବିତ କରିଛି। ଗରିବଙ୍କ ଆୟ ୧୧ ପ୍ରତିଶତ କମିଯାଇଛି। ହେଲେ ଦେଶରେ ବଡ ବଡ ବ୍ୟବସାୟୀ ପ୍ରତି ଘଣ୍ଟାରେ ହଜାର କୋଟି ଟଙ୍କା ଆୟ କରିଛନ୍ତି। ସାମନ୍ତବାଦ, ଆର୍ଥିକ ବୈଷମ୍ୟ, ସାମାଜିକ ସମାନତା ଲଢ଼େଇରେ ଦୟାନିଧି ଆଦର୍ଶ ଆଜି ପ୍ରେରଣା ହୋଇ ରହିଛି ବୋଲି ଉପସ୍ଥିତ ବୃଦ୍ଧିଜୀବୀମାନେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ଭବାନୀଶଙ୍କର ହୋତା, ପ୍ରଫୁଲ୍ଲ ହୋତା, ଖବରଦାତା ଶିବ ନନ୍ଦ, ସଞ୍ଜିତ ମହାନ୍ତି, ସୁମିତ ପଟେଲ, ଚୁମନ ପ୍ରଧାନ, ଫଣିନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଅଟୋରେ ଦଉଡ଼ି ବାନ୍ଧି ଟାଣିଲେ ମହିଳା କର୍ମୀ



ସମ୍ବଲପୁର ମହିଳା କଂଗ୍ରେସ କର୍ମୀମାନେ ଦଉଡି ଧରି ଅଟୋ ଟାଣୁଛନ୍ତି ।

ସମ୍ବଲପୁର,୯।୭ (ବ୍ୟୁରୋ)

ତୈଳଦର ବୃଦ୍ଧିକୁ ନେଇ ସମ୍ବଲପୁର ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଅଭିନବ ପ୍ରତିବାଦ କରାଯାଇଛି। ସାଇକେଲ ରାଲି ସହ ମହିଳା କର୍ମୀମାନେ ଅଟୋରେ ଦଉଡି ବାନ୍ଧି ଟାଣିଥିଲେ। ଜିଲା ସଭାପତି ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ରାଲି ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ଡିଜେଲ, ପେଟ୍ରୋଲ, ରନ୍ଧନଗ୍ୟାସ୍ ଦର ବୃଦ୍ଧି ଯୋଗୁ ସବୁ ବର୍ଗର ଲୋକ ପ୍ରଭାବିତ ହେଉଥିବା ନେତୃବୃନ୍ଦ ଦର୍ଶାଇଥିଲେ। ନିରଞ୍ଜନ ତ୍ରିପାଠୀ, ପ୍ରେମପ୍ରକାଶ ସାହାଣୀ, ସୁତାପା ମିତ୍ର, ପ୍ରଶାନ୍ତ ସାହୁ, ତ୍ରିଲୋଚନ ପୁରୋହିତ, ଆକବର ଚୌଧୁରୀ, ଲକ୍ଷ୍ମୀ ଯାଦବ, ସରସ୍ୱତୀ ଘୋଷ, ରୀତା ସହେଲା, ଦୀପାଞ୍ଜଳି ସହେଲା, ଇନ୍ଦ୍ରଜିତ ମିତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗ୍ରାହକଙ୍କ ଜମା ଟଙ୍କା ଆତ୍ମସାତ୍ ଅଭିଯୋଗ, ହିସାବରକ୍ଷକ ନିଲମ୍ବିତ

ବ୍ରଜରାଜନଗର, ୯।୭ (ଡି.ଏନ.ଏ.)

ଜଣେ ଅବସରପ୍ରାପ୍ତ ଏମ୍‌ସିଏଲ୍ କର୍ମଚାରୀଙ୍କ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ଅଭିଯୋଗରେ ବ୍ରଜରାଜନଗର ସହରାଞ୍ଚଳ ଲମତିବାହାଲ ଷ୍ଟେଟ୍‌ବ୍ୟାଙ୍କ ଶାଖାର ହିସାବରକ୍ଷକ ସନ୍ଦିପ ମହାନ୍ତି ନିଲମ୍ବିତ ହୋଇଛନ୍ତି। ବ୍ରଜରାଜନଗର ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଓରିଏଣ୍ଟ କୋଲିଆରୀ ମାଇନିଂ-୨ରେ କାର୍ଯ୍ୟ କରୁଥିବା ଦଶରଥ ମୁଣ୍ଡା ୨୦୧୪ରେ ଅବସର ନେଇଥିଲେ। ତାଙ୍କର ସମସ୍ତ ଟଙ୍କା ତାଙ୍କ ଆକାଉଣ୍ଟକୁ ଆସିଥିଲା। ହେଲେ ୨୦୧୭ ମସିହାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ସ୍ତ୍ରୀ ଶ୍ରୀମତି ମୁଣ୍ଡା, ପୁଅ ଟିକେଶ୍ୱର ମୁଣ୍ଡା ଲିଗାଲ ହେୟାର ସାର୍ଟିଫିକେଟ୍ ସହ ଆବଶ୍ୟକ କାଗଜପତ୍ର ବ୍ୟାଙ୍କରେ ଜମା କରି ଟଙ୍କା ନେବା ପାଇଁ ଚାହିଁଥିଲେ। ପରେ ଶ୍ରୀମତି ତାଙ୍କର ଗୋଟିଏ ଆକାଉଣ୍ଟ ଖୋଲିଥିଲେ। ହିସାବରକ୍ଷକ ମହାନ୍ତି ୩ ଥରରେ ଶ୍ରୀମତିଙ୍କ ଆକାଉଣ୍ଟକୁ ୧୧ ଲକ୍ଷ ୩୦ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ। ହେଲେ ଏମାନଙ୍କ ଅସହାୟତାର ସୁଯୋଗ ନେଇ ବାକି ୧୮ ଲକ୍ଷ ୨୫ ହଜାର ଟଙ୍କା ସେ ତାଙ୍କର ସମ୍ପର୍କିୟଙ୍କ ଲୋନ୍ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିଦେଲେ। ମା’ପୁଅ ଅଭିଯୋଗ କରିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଜୁନ ୧୦ରେ ହିସାବରକ୍ଷକ ମହାନ୍ତିଙ୍କୁ ଝାରସୁଗୁଡ଼ା ମେନ୍ ବ୍ରାଞ୍ଚକୁ ବଦଳି କରିଦେଇଥିଲେ। ତଦନ୍ତ ପରେ ଏବେ ସପ୍ତାହ ତଳେ ତାଙ୍କୁ ନିଲମ୍ବିତ କରାଯାଇଛି। ଏ ସମ୍ପର୍କରେ ବ୍ୟାଙ୍କଶାଖା ପରିଚାଳକ ଲୋହିତ ନନ୍ଦଙ୍କୁ ପଚାରିବାରୁ ଟଙ୍କା ଆତ୍ମସାତ୍ ଘଟଣାରେ ହିସାବରକ୍ଷକ ମହାନ୍ତିଙ୍କୁ ନିଲମ୍ବିତ କରାଯାଇଥିବା କହିଥିଲେ। ସେହିପରି ବ୍ରଜରାଜନଗର ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ୍ ସମାନ କଥା ଦୋହରାଇବା ସହ ଘଟଣାର ତଦନ୍ତ ଚାଲିଛି, ଅନ୍ୟ କେହି ସମ୍ପୃକ୍ତ ଥିବା ଜଣାପଡିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ଆଶାକର୍ମୀ ନିଯୁକ୍ତିରେ ଅନିୟମିତତା

ଝାରସୁଗୁଡ଼ା ଅଫିସ,୯।୭

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଦଲଗାଁ ପଞ୍ଚାୟତର ଦଲଗାଁ ଅଙ୍ଗନୱାଡି (ଖ)ରେ ଆଶାକର୍ମୀ ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ଆଶାୟୀ ପ୍ରାର୍ଥୀ ଓ ଜନପ୍ରତିନିଧି ଜିଲା ମୁଖ୍ୟ ଚିକିତ୍ସକ ଡା. ଲାଲ୍‌ମୋହନ ରାଉତରାୟଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଏକକିତା ନକଲ ଜିଲାପାଳ,ବିଧାୟକ ଓ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସକଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ ଗତ ୧୫ତାରିଖରେ ଏଏନ୍‌ଏମ୍ ତରଫରୁ ଦଲଗାଁ(ଖ) ଅଙ୍ଗନୱାଡି କେନ୍ଦ୍ରରେ ଆଶାକର୍ମୀ ନିଯୁକ୍ତି ପାଇଁ ନୋଟିସ୍ ଜାରି ହୋଇଥିଲା। ୪ଜଣ ପ୍ରାର୍ଥୀ ଆବେଦନ କରିଥିଲେ। ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସକ ଡା. ବୈକୁଣ୍ଠନାଥ କଶ୍ୟପଙ୍କ ନେତୃତ୍ୱରେ କମିଟି ଗଠନ କରାଯାଇଥିଲା। କମିଟି କର୍ମକର୍ତ୍ତା କାଗଜପତ୍ର ଯାଞ୍ଚ ବେଳେ ଆଶାୟୀ ପ୍ରାର୍ଥୀ ଦୁଶିଲା ନେଗୀଙ୍କ ମାଟ୍ରିକ୍ ସାର୍ଟିଫିକେଟ୍ ନ ଥିବାବେଳେ ଫର୍ମ ସମ୍ପୂର୍ଣ୍ଣ ପୂରଣ ହୋଇ ନ ଥିଲା । ପରେ ସେ ତାଙ୍କ ସାର୍ଟିଫିକେଟ୍ ଆଣିଦେବା ସହ ଅସମ୍ପୂର୍ଣ୍ଣ ଫର୍ମ ପୂରଣ କରିଥିଲେ। ଚୟନକର୍ତ୍ତା ନିୟମ ଉଲ୍ଲଂଘନ କରି ତାଙ୍କ ପ୍ରତି ଅନୁକମ୍ପା ଦେଖାଇ ଆଶାକର୍ମୀ ଭାବେ ଚୟନ କରିଥିଲେ । ଏହାର ପ୍ରତିବାଦ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏ ନେଇ ଚୟନ କମିଟି ମୁଖ୍ୟ ଡା. କଶ୍ୟପ କହିଛନ୍ତି, ପ୍ରାର୍ଥୀଙ୍କ ମାଟ୍ରିକ୍ ସାର୍ଟିଫିକେଟ୍ ରହିଥିଲା। ହେଲେ ମାର୍କ କାଉଟିଂ ପାଇଁ ମାର୍କଶିଟ୍ ମଗାଯାଇଥିଲା । ପରେ ସେ ମାର୍କଶିଟ୍ ଦେଇଥିଲେ। ଏଥିରେ କୌଣସି ଅନିୟମିତତା ହୋଇନାହିଁ।

# ରେଳବାଇ ନିରାପତ୍ତା ଆୟୋଗଙ୍କ ବିଦ୍ୟୁତୀକରଣ କାର୍ଯ୍ୟ ନିରୀକ୍ଷଣ

ସମ୍ବଲପୁର,୯।୭ (ବ୍ୟୁରୋ)

ଦକ୍ଷିଣପୂର୍ବ ସର୍କଲ ରେଳବାଇ ନିରାପତ୍ତା ଆୟୋଗ ଏସ୍ ମିତ୍ର ଶୁକ୍ରବାର ସମ୍ବଲପୁର ରେଳ ମଣ୍ଡଳର ଦୋହରୀକରଣ ଓ ବିଦ୍ୟୁତୀକରଣ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ସେ ଟିଟିଲାଗଡ-ଆରଙ୍ଗ ମହାନଦୀ ସେକ୍ସନ୍‌ର ବେଲଷଣ୍ଡା-ଆରଙ୍ଗ ମହାନଦୀ ଷ୍ଟେଶନ ମଧ୍ୟରେ ସ୍ପିଡ୍ ଟ୍ରାଏଲ ମଧ୍ୟ କରିଥିଲେ। ଏଥିସହ ଓଭରହେଡ୍ ଉପକରଣ, ପୋଲ, ମାନବଯୁକ୍ତ ରେଳବାଇ ଫାଟକ, ସଂକେତ ଓ ଦୂରସଞ୍ଚାର ଉପକରଣ, ରେଳ ଧାରଣା ନିରୀକ୍ଷଣ କରିଥିଲେ। ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର, ପ୍ରମୁଖ ମୁଖ୍ୟ ଯନ୍ତ୍ରୀ ଏନ୍‌ଏସ୍ ୟୁକେ, ମୁଖ୍ୟ ପ୍ରକଳ୍ପ ଆର୍‌ଭିଏନ୍‌ଏଲ୍ ଭବେଶ ପାଣ୍ଡେ, ବିଦ୍ୟୁତ ବିଭାଗ ମହାପ୍ରବନ୍ଧକ ଏସ୍‌କେ ପୁରୋହିତ, ସମନ୍ୱୟ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ ଜୟନ୍ତ କୁମାର ଖମାରୀ ସାମିଲ ଥିଲେ।



ନିରାପତ୍ତା ଆୟୋଗ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି।

# ଆର୍‌ଏସ୍‌ପିର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ

ରାଉରକେଲା ଅଫିସ,୯।୭

ମହାରତ୍ନ କମ୍ପାନୀ ସେଲ୍‌ର ଅନ୍ୟତମ ୟୁନିଟ୍ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପ୍ରମୁଖ କ୍ଷେତ୍ର ଗୁଡିକରେ ଏପ୍ରିଲରୁ ଜୁନ ମାସ ମଧ୍ୟରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ସହିତ ୨୦୨୧-୨୨ ଆର୍ଥିକ ବର୍ଷର ପ୍ରଥମ ତ୍ରୟୋମାସ ସମ୍ପୂର୍ଣ୍ଣ କରିଛି। ଏହି ତ୍ରୟୋମାସରେ ଆର୍‌ଏସ୍‌ପି ୯୭୫୭୫୧ ଟନ୍ ଉତ୍ତପ୍ତ ଧାତୁ, ୯୦୧୮୨୯ ଟନ୍ ଅଶୋଧିତ ଇସ୍ପାତ ଏବଂ ୮୪୦୧୪୬ ଟନ୍ ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନ କରି ସଫଳତା ହାସଲ କରିଛି। ୨୦୧୯ରେ ଏହି ସମସ୍ତ କ୍ଷେତ୍ରରେ ଇସ୍ପାତ କାରଖାନାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହୋଇଥିଲା। ଏହାବ୍ୟତୀତ ପ୍ଲେଟ ମିଲ୍ ଏପ୍ରିଲ-ଜୁନ୍ ଅବଧି ମଧ୍ୟରେ ୧୩୪୫୦୫ ଟନ୍ ପ୍ଲେଟ ରୋଲିଙ୍ଗ କରି ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ କରି ୨୦୧୪ରେ ହାସଲ ହୋଇଥିବା ପୂର୍ବ ଶ୍ରେଷ୍ଠ ପ୍ରଥମ ତ୍ରୟୋମାସ ପ୍ରଦର୍ଶନରେ ଉନ୍ନତି ଆଣିଥିଲା। ସିଣ୍ଟର ପ୍ଲାଣ୍ଟ ଗୁଡିକ ମଧ୍ୟ ସମତାଳରେ ଉତ୍କୃଷ୍ଟ ପ୍ରଦର୍ଶନ କରି ୧୬୨୫୨୩୨ ଟନ୍ ସିଣ୍ଟର ଉତ୍ପାଦନ ପୂର୍ବକ ନିଜର ସର୍ବକାଳୀନ ଶ୍ରେଷ୍ଠ ପ୍ରଥମ ତ୍ରୟୋମାସିକ ରେକର୍ଡ ହାସଲ କରିଥିଲେ। ଏଥିପୂର୍ବରୁ ୨୦୧୮ରେ ୧୫୬୧୪୬୦ ଟନ୍ ସିଣ୍ଟର ଉତ୍ପାଦନ କାରଖାନାର ପୂର୍ବ ସର୍ବଶ୍ରେଷ୍ଠ ପ୍ରଥମ ତ୍ରୟୋମାସ ପ୍ରଦର୍ଶନ ରହିଥିଲା। ଏହି ସମସ୍ତ ଉତ୍କୃଷ୍ଟ ପ୍ରଦର୍ଶନ ଆର୍‌ଏସ୍‌ପିକୁ ନିକଟରେ ୧୦୦ ନିୟୁତ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ହାସଲ କରିବା କ୍ଷେତ୍ରରେ ସହାୟକ ହୋଇଥିଲା। ସେହିଭଳି ଚାଲାଣ କ୍ଷେତ୍ରରେ ମଧ ଆର୍‌ଏସ୍‌ପିର ପ୍ରଦର୍ଶନ ବେଶ୍ ଉତ୍ସାହଜନକ ରହିଥିଲା। ଏହା ବ୍ୟତୀତ ଇସ୍ପାତ କାରଖାନାର ଅନେକ ପ୍ରମୁଖ ୟୁନିଟ୍ ଜୁନ ମାସରେ ସେମାନଙ୍କର ସର୍ବୋତ୍ତମ ପ୍ରଦର୍ଶନ ହାସଲ କରିଥିଲେ ଏବଂ ଏପିପି ଲକ୍ଷ୍ୟ ପୂରଣ କରିଥିଲେ। ସିପିପି-୧ ଏବଂ ସିପିପି-୩ ପ୍ରଥମ ତ୍ରୟୋମାସରେ ହାରାହାରି ୩୪.୩୯ ଏବଂ ୨୨.୬୭ ମେଗା ୱାଟ ଆୱାର ବିଦ୍ୟୁତ୍ ଉତ୍ପାଦନ କରି ଅନୁରୂପ ପୂର୍ବବର୍ଷ ଅବଧି ତୁଳନାରେ ଯଥାକ୍ରମେ ୩.୪ ପ୍ରତିଶତ ଏବଂ ୨.୬ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିଲେ।

# ତୁରନ୍ତ ଦରଦାମ ବୃଦ୍ଧି ପ୍ରତ୍ୟାହାର କର: କଂଗ୍ରେସ

ରାଉରକେଲା ଅଫିସ୍,୯।୭

ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ସମେତ ଖାଉଟି ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧିକୁ ବିରୋଧ କରିଛି କଂଗ୍ରେସ। ଏହାର ପ୍ରତିବାଦରେ ପିସିସିର ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଛେଣ୍ଡ ଅଞ୍ଚଳରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ ସଭାପତି ତଥା ପ୍ରାକ୍ତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ସକାଳ ୭ଟା ବେଳେ ଛେଣ୍ଡର ରିଂ ରୋଡ ଛକରୁ ଏହି ଶୋଭାଯାତ୍ରା ବାହାରି ଚିନ୍ମୟ ସ୍କୁଲ ଛକ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପହଞ୍ଚିଥିଲା। ସେଠାରେ କଂଗ୍ରେସ ନେତୃବୃନ୍ଦ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସଭାପତି ତିର୍କୀ କହିଥିଲେ, ସମ୍ପ୍ରତି ମୋଦି ସରକାର ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ସମେତ ଖାଉଟି ସାମଗ୍ରୀର ଅହେତୁକ ଦରବୃଦ୍ଧି ଘଟାଇ ଚାଲିଛନ୍ତି । ବର୍ତ୍ତମାନ କରୋନା ମହାମାରୀ କାଳରେ



କଂଗ୍ରେସ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ସବୁଶ୍ରେଣୀର ଲୋକମାନଙ୍କ ପାଇଁ ଏହା ଚିନ୍ତାର କାରଣ ହୋଇଛି। ରାଜ୍ୟର ନବୀନ ସରକାର ସିବିଆଇ ଭୟରେ ମୋଦି ସରକାରଙ୍କ ଏହି ଜନ ବିରୋଧୀ ନୀତିକୁ ନିରବ ସମର୍ଥନ ଦେଉଛନ୍ତି। ଉଭୟ ମୋଦି ଓ ନବୀନ ସରକାରଙ୍କ ବିରୋଧରେ ସାଧାରଣ ଲୋକେ ଏବେ ରାଜରାସ୍ତାକୁ ଓହ୍ଲାଇବାର ସମୟ ଆସିଛି ବୋଲି ତିର୍କୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ବିରେନ ସେନାପତି, କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ସବୀର ହୁସେନ, ଇନ୍‌ଟକ ଅଧକ୍ଷ ନିହାର ଦାସ, ଓବିସି ସେଲ୍ ଅଧକ୍ଷ କୈଳାସ ସାହୁ, ମହିଳା କଂଗ୍ରେସ ସଭାନେତ୍ରୀ ଲତା ନାୟକ, କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାରସିଂ, ଛେଣ୍ଡ ବ୍ଲକ କଂଗ୍ରେସ ଅଧକ୍ଷ ବିଜୟ ଆପଟ, କୃଷକ କଂଗ୍ରେସ ଅଧକ୍ଷ ମନମୋହନ ଓରାମ, ସେବାଦଳ ଅଧକ୍ଷ ବିନୋଦ ରାଉତ, ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ, ଛାତ୍ର କଂଗ୍ରେସ ରାଜ୍ୟ ସାମାଜିକ ଗଣମାଧ୍ୟମ ସଂଯୋଜିକା ନାଜିଆ ପରବିନ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଓ ସମର୍ଥକ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ ।

## ଗଛ ଲଗାଅ, ପରିବେଶ ବଞ୍ଚାଅ କାର୍ଯ୍ୟକ୍ରମ

ଲୋଇସିଂହା,(ଡି.ଏନ.ଏ): ଆଗଲପୁର ବ୍ଲକ ଝରଣୀପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଗଛ ଲଗାଅ ପରିବେଶ ବଞ୍ଚାଅ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ୮୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ । ସ୍ଥାନୀୟ ସରପଞ୍ଚ ସୁଜିତ ସାହୁ ଉପସ୍ଥିତ ରହି ମହିଳା ଗୋଷ୍ଠୀଙ୍କୁ ଚାରା ପ୍ରଦାନ କରିବା ସହ ୨ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ଅବସରରେ ଗଛର ଯତ୍ନ ନେବାକୁ ମହିଳା ଗୋଷ୍ଠୀଙ୍କୁ ନିବେଦନ କରାଯାଇଥିଲା । ପଞ୍ଚାୟତକୁ ସବୁଜ ସୁନ୍ଦର କରିବା ଉଦ୍ଦେଶ୍ୟରେ ଏପରି ପଦକ୍ଷେପ ନିଆଯାଇଛି ।



## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଟିଟିଲାଗଡ଼,୯।୭(ଡି.ଏନ.ଏ.): ଶୁକ୍ରବାର ଟିଟିଲାଗଡ ଥାନା ଅନ୍ତର୍ଗତ ବଛାଜୁଆ ଗ୍ରାମର ଜଣେ ୧୯ ବର୍ଷର ଯୁବକ ବେକରେ ଓଢ଼ଣି ବାନ୍ଧି ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହେଲେ ଗ୍ରାମର ବିଭୀଷଣ ନାଗଙ୍କ ସାନ ପୁଅ ରଞ୍ଜିତ। ଖବର ପାଇ ପୋଲିସ ମୃତଦେହ ଜବତ କରି ଟିଟିଲାଗଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏନେଇ ଏକ ଅପମୃତ୍ୟୁ ମାମଲା (୨୧/୨୧) ରୁଜୁ ହୋଇଛି । ଆତ୍ମହତ୍ୟାର କାରଣ ଜଣାପଡିନାହିଁ ।

### ନରେଶ ଭୋଇ ହତ୍ୟା ମାମଲା: ୩ ଅଭିଯୁକ୍ତ ଗିରଫ

ବାଉଁଶୁଣୀ,୯।୭ (ଡି.ଏନ.ଏ): ବୌଦ୍ଧ ଜିଲା ମନମୁଣ୍ଡା ଥାନା ବଡଡୁଙ୍ଗୁରିପାଲି ଗ୍ରାମର ନରେଶ ଭୋଇ ଓରଫ ପାଡୁ ହତ୍ୟା ମାମଲାରେ ବୁଧବାର ପୋଲିସ ଉକ୍ତ ଗ୍ରାମର ଲଳିତ ସାହୁ ଓ ତାଙ୍କ ଦୁଇ ପୁଅଙ୍କୁ ଗିରଫ କରିଛି। ସେମାନଙ୍କୁ ପୋଲିସ ପଚରାଉଚରା କରୁଥିବା ଜଣାପଡିଛି। ନରେଶଙ୍କୁ ହତ୍ୟା ଘଟଣାରେ ବାପ ଓ ଦୁଇ ପୁଅ ସମ୍ପୃକ୍ତି ଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିପାରିଛି। ଶନିବାର ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗୁରୁବାର ରାତିରେ ନରେଶ ଓରଫ ପାଡୁ ଟାଙ୍ଗିଆ ଧରି ଲଳିତ ସାହୁଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇ ତାଙ୍କ ଘରକୁ ଦୌଡୁଥିଲେ। ଏତିକିବେଳେ ଲଳିତ ସାହୁଙ୍କ ଦୁଇ ପୁଅ ମିଶି ନରେଶଙ୍କୁ ହତ୍ୟା କରିଥିଲେ। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ନରେଶଙ୍କର ତାଙ୍କ ଗ୍ରାମର ଲଳିତ ସାହୁଙ୍କ ପରିବାର ସହିତ ଦୀର୍ଘ ଦିନରୁ ଶତ୍ରୁତା ରହିଥିଲା। ମଝିରେ ମଝିରେ ମଦ ପିଇ ନରେଶ ଟାଙ୍ଗିଆ ଧରି ଲଳିତଙ୍କ ସାରା ପରିବାର ଲୋକଙ୍କୁ ମାରି ଦେବାକୁ ଧମକ ଦେଇ ଆସୁଥିଲା। ପୂର୍ବରୁ ନରେଶ ଜନୈକ ଦଳିତବର୍ଗର ଯୁବକଙ୍କୁ ହତ୍ୟାକରି ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ସଜା କାଟି ଘରକୁ ଫେରିଥିଲେ। ତେଣୁ ଲଳିତଙ୍କ ପରିବାର ତାଙ୍କ ଧମକରେ ଆତଙ୍କିତ ହୋଇ ରହୁଥିଲେ। ଗୁରୁବାର ରାତି ୮ଟାରେ ସେ ନାନା ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଲଳିତଙ୍କ ଘର ସାମ୍ନାକୁ ବାରମ୍ବାର ଯାଇ ଟାଙ୍ଗିଆରେ ହାଣି ଦେବି ବୋଲି ଧମକ ଦେଇଚାଲିଥିଲା। ଏଥିରେ ଲଳିତଙ୍କ ପରିବାର ଉତ୍ତେଜିତ ହୋଇ ତାଙ୍କ ଦୁଇ ପୁଅ ତାବଲିଆ ଧରି ଦାଣ୍ଡକୁ ବାହାରି ନରେଶଙ୍କୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳେ ମୃତଦେହକୁ ଆଣି ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ପୋଲିସ ହସ୍ତାନ୍ତର କରିଥିବାବେଳେ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଚଳାଇଥିଲା।

### ବନ ମହୋତ୍ସବ ପାଳିତ

କଣ୍ଟାବାଞ୍ଜି,୯।୭(ଡି.ଏନ.ଏ.): ବଲାଙ୍ଗୀର ବନଖଣ୍ଡ ଅଧୀନ କଣ୍ଟାବାଞ୍ଜି ବନାଞ୍ଚଳ ଦ୍ୱାରା ବନ ମହୋତ୍ସବ ସପ୍ତାହ ବ୍ୟାପି ପାଳନ କରାଯାଇଛି । ବନାଞ୍ଚଳ ଅଧୀନ ବିଭିନ୍ନ ଗାଁରେ ଥିବା ସରକାରୀ ଜମି, ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟଗୁଡିକରେ ବନ ମହୋତ୍ସବ ପାଳନ କରାଯାଇଛି। କଣ୍ଟାବାଞ୍ଜି କେ.ଭି.କଲେଜ, କୋର୍ଟ ପରିସର, ଧାମନଡଙ୍ଗା ସରକାରୀ ସ୍କୁଲ, ସୌରଭି ସୌଧ, ଡମନିଚୁଆଁ, ସେମେଲା, ରହେନଭଟା, ବଘୁଆପଡା ଓ କମେଇମୁଣ୍ଡାରେ ବନୀକରଣ କରାଯାଇଛି । ଚଳିତବର୍ଷ ଏହି ରେଞ୍ଜର ବିଭିନ୍ନ ସଂରକ୍ଷିତ ଜଙ୍ଗଲ ତଥା ସରକାରୀ ଜମିରେ କାମ୍ପା ଯୋଜନାରେ ୨୫୦ ହେକ୍ଟର, ବ୍ଲକ ଯୋଜନାରେ ୨୦ ହେକ୍ଟର, ଏମଜିଏନଆରଇଜିଏ ଯୋଜନାରେ ୫୦ ହେକ୍ଟର ସମେତ ମୋଟ ୪୨୦ହେକ୍ଟର ଜମିରେ ୧ଲକ୍ଷ ୬୨ହଜାର ଚାରା ରୋପଣ କରାଯିବା ପାଇଁ ଅନୁଦାନ ଆସିଥିବା ଜଙ୍ଗଲ ବିଭାଗ ତରଫରୁ ଜଣାଯାଇଛି ।

### ଦେହରେ ପୋଷ୍ଟର ମାରି ନୀରବ ପ୍ରତିବାଦ

ବାଉଁଶୁଣୀ,୯।୭ (ଡି.ଏନ୍.ଏ.): ଘୋର ଦୁର୍ଦ୍ଦଶାରେ ଥିବା ବୌଦ୍ଧ ଜିଲା ବାଉଁଶୁଣୀ ଗ୍ରାମପଞ୍ଚାୟତ ଟିକିରାପଡା ଗ୍ରାମର ପୀତାମ୍ବର ଦନ୍ତା ନାମକ ଜଣେ ବ୍ୟକ୍ତି ଶୁକ୍ରବାର ଅଭିନବ ଢ଼ଙ୍ଗରେ ପ୍ରତିବାଦ କରିଛନ୍ତି। ବର୍ଷାରେ ଘର ଚାଳଛପର ଭାଙ୍ଗି ଯାଇଥିବାବେଳେ ଜରିପାଲ ଖଣ୍ଡିଏ ପାଇଁ ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ଦୌଡି ମଧ ତାହା ପାଇ ପାରି ନ ଥିବା କହିଛନ୍ତି । ସେହିପରି ଗତ ଏପ୍ରିଲରୁ ଜଳଛତ୍ରରେ ପାଣି ଦେଇ ତାଙ୍କ ପାରିଶ୍ରମିକ ମିଳି ନ ଥିବା ହେତୁ ସେ ଭଙ୍ଗା ଘରେ ପଡି ରହିଛନ୍ତି। ଲୁଣ କିଣିବାକୁ ମଧ ତାଙ୍କ ହାତରେ ଟଙ୍କାଟେ ନ ଥିବା ପ୍ରକାଶ କରିଛନ୍ତି। ପ୍ରଶାସନ ଓ ଗଣମାଧମକୁ କଟାକ୍ଷ କରି ନିଜ ଦେହରେ ପୋଷ୍ଟର ମାରି ବାଉଁଶୁଣୀ ଛକ ଅଞ୍ଚଳରେ ବୁଲିବୁଲି ନୀରବ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଥିଲା। ଏ ଅଭିନବ ନୀରବ ପ୍ରତିବାଦ ଲୋକଙ୍କ ଚର୍ଚ୍ଚାର ବିଷୟ ପାଲଟିଛି ।

# ସୁବର୍ଣ୍ଣପୁରରେ ଜୋର ଧରୁଛି ଆନ୍ଦୋଳନ

ସୋନପୁର,୯।୭(ନି.ପ୍ର.)

- ଧାନ ବିକି ପାରି ନାହାନ୍ତି ଚାଷୀ
- ବିନିକା, ରାମପୁର ତହସିଲ ଅଫିସ ଭିତରେ ଗଦା ହୋଇଛି ଧାନ

ସୁବର୍ଣ୍ଣପୁର ଜିଲାର ଅନେକ ଚାଷୀ ରବି ଋତୁ ଧାନ ବିକ୍ରି କରି ପାରିନାହାନ୍ତି। ହେଲେ ସରକାର ଜୁନ୍ ୩୦ ତାରିଖ ଠାରୁ ଧାନ କ୍ରୟ ବନ୍ଦ କରିଛନ୍ତି। ଏଭଳି ସ୍ଥିତିରେ ଜିଲାରେ ଚାଷୀଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଚାଷୀଙ୍କ ଘରେ ଶତାଧିକ ବସ୍ତା ଧାନ ପଡିରହିଛି। ସରକାରଙ୍କ ଟୋକନ୍ କଟକଣା, ବୈଷୟିକ ତ୍ରୁଟି, ଟୋକନ୍ ଲାପ୍ସ ଯୋଗୁ ଚାଷୀ କ୍ଷତି ସହୁଛନ୍ତି। ବହୁ କଷ୍ଟ କରି ଅମଳ କରିଥିବା ଧାନକୁ କମ୍ ଦରରେ ବିକ୍ରି କରୁଛନ୍ତି। ଜିଲାର ଦେଢ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଛି। କେତେକ ଚାଷୀ କରୋନା ସଂକ୍ରମିତ ହୋଇଥିବା କାରଣରୁ ଧାର୍ଯ୍ୟ ସମୟରେ ମଣ୍ଡିକୁ ଆସି ଧାନ ବିକ୍ରି କରି ପାରିଲେନି। ଆଉ କିଛି ଚାଷୀ ଧାନ ଅମଳ କରିବା ପୂର୍ବରୁ ଟୋକନ୍ ପାଇଥିବା କାରଣରୁ ଧାନ ବିକ୍ରି କରି ପାରି ନ ଥିଲେ। ରାଜସ୍ୱ ବିଭାଗର ଅଧିକାରୀ କ୍ଷେତ୍ରୀୟ ତଦନ୍ତ କରି ଟୋକନ୍ ଲାପ୍ସ ହୋଇଥିବା ଚାଷୀଙ୍କ ଧାନ ବିକ୍ରି ହୋଇ ନ ଥିବା ଦେଖିଥିଲେ। ଯେଉଁ ଚାଷୀଙ୍କ ଘରେ ଧାନ ଅଛି ସେମାନଙ୍କୁ ପୁନଃ ଟୋକନ୍ ଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସରକାରଙ୍କୁ ଅନୁରୋଧ କରା ଯାଇଥିଲା। କିନ୍ତୁ କେହି ଶୁଣିଲେନି। ଏବେ ଚାଷୀଙ୍କ ଆନ୍ଦୋଳନ ତୀବ୍ର ହେଲାଣି। ପ୍ରତିବାଦରେ ବିନିକା ଓ ରାମପୁର ତହସିଲ ଅଫିସ ଭିତରେ ଚାଷୀ ଧାନ ବସ୍ତା ଗଦା କରି ରଖିଛନ୍ତି। ବିନିକାରେ ୧୭ ଦିନ ଧରି ଓ ରାମପୁରରେ ୧୦ ଦିନ ଧରି ଆନ୍ଦୋଳନ ଚାଲିଛି। ଅଫିସ ଖୋଲି ପାରୁନି। ଲୋକେ ଅସୁବିଧା ଭୋଗୁଛନ୍ତି। ଚାଷୀଙ୍କ ଧାନ କିଣିବା ପାଇଁ ଡୁଙ୍ଗୁରିପାଲି ବ୍ଲକ ଅଫିସ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାନ ବସ୍ତା ରଖି ଆନ୍ଦୋଳନ ଚାଲିଛି। ହୀରାକୁଦ କମାଣ୍ଡ ଏରିଆରେ ଚାଷୀଙ୍କ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି।

ଧାନ ବିକ୍ରି ପାଇଁ ଜିଲାର ୩୦ ହଜାର ୨୨ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଏହି ଜିଲାରୁ ଚାଷୀଙ୍କ ବଳକା ୨୪ ଲକ୍ଷ ୭୭ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ରାଜ୍ୟ ସରକାର ଟାର୍ଗେଟ୍ ଦେଇଥିଲେ। ଜୁନ୍ ୩୦ ତାରିଖ ଭିତରେ ୨୭ ହଜାର ୫୦୧ ଜଣ ଚାଷୀ ୨୩ ଲକ୍ଷ ୪୯ ହଜାର ୪୫୭ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ପଞ୍ଜୀକୃତ ୨ ହଜାର ୫୨୧ ଚାଷୀ ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ବିକ୍ରି କରି ପାରି ନାହାନ୍ତି। ଚଳିତ ଥର ଜିଲାରେ ଧାନ ସଂଗ୍ରହ ପରିମାଣ ଯଥେଷ୍ଟ ହ୍ରାସ ପାଇଛି। ଉଲୁଣ୍ଡା ବ୍ଲକର ଯାଲୋଏ, ସହରାପାଲି, ମହଦା, କାଦୋଦର, ତରଭା, ବିନିକା ବ୍ଲକର ପଲସାପାଲି, ଡୁଙ୍ଗୁରିପାଲି ବ୍ଲକର ଚିନାଯୁରୀ, ସହଲା, ରାମପୁର, ନାଇକେନପାଲି, ଅଇଁଲାମୁଣ୍ଡା ଓ ସାରସମାଲ ଅଞ୍ଚଳର ହଜାର ହଜାର ଚାଷୀ ଧାନ ବିକ୍ରି କରି ପାରିନାହାନ୍ତି। ରାମପୁରର ଚାଷୀ ଦୀନବନ୍ଧୁ ଦରୱାନ କୁହନ୍ତି ଧାନ ବିକ୍ରି ପାଇଁ ଜମିର କାଗଜପତ୍ର ଦାଖଲ କରି ପଞ୍ଜୀକରଣ କରିଥିଲି । କିନ୍ତୁ ମୋର ୭ ଏକର ଜମିର ଟୋକନ୍ ଆସିନି। ୪୪୦ ବସ୍ତା ଧାନ ବିକ୍ରି ନ ହୋଇ ଘରେ ପଡି ରହିଛି । ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରାମପୁର ତହସିଲଦାର ଓ ଆରଆଇ ଘରକୁ ଆସି ଘରେ ଗଚ୍ଛିତ ଥିବା ଧାନର ଫଟୋ ନେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଧାନ ବିକ୍ରି କରିବାକୁ ସରକାର ସୁଯୋଗ ଦେଲେନି ବୋଲି ଦରୱାନ କ୍ଷୋଭର ସହ କହିଛନ୍ତି।

# ୧୦ ଦିନ ହେଲା ଧାନ ରଖି ଚାଲିଛି ଧାରଣା



ଚାଷୀମାନେ ଧାରଣାରେ ବସିଛନ୍ତି।

ଜାମଟିକ୍ରା, ୯।୭ (ଡି.ଏନ.ଏ)

ଅତାବିରା ବ୍ଲକର ଚାଷୀମାନେ ଧାନ ଚାଷ କରି ଏବେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କ ଧାନ ଟୋକନ ସମସ୍ୟା ଯୋଗୁ ବିକ୍ରି ହୋଇପାରୁନାହିଁ। ଅତାବିରା ବ୍ଲକରେ ସମୁଦାୟ ୮୨୫ ଜଣ ଚାଷୀଙ୍କ ଟୋକନ ଲାପ୍ସ ହୋଇଛି। ଧାନ ବିକ୍ରି ସମସ୍ୟାର ସମାଧାନ ହୋଇପାରୁନାହିଁ। ଏହାର ପ୍ରତିବାଦରେ ଓଡିଶା ରାଜ୍ୟ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଅତାବିରା ବ୍ଲକ, ତହସିଲ, ଏନଏସି, କୃଷି ଓ ରାଜସ୍ୱ ନିରୀକ୍ଷକ ଅଫିସ୍‌କୁ ଧାନ ଭର୍ତ୍ତି କରି ଅଚଳ କରିଦେଇଛନ୍ତି। ଏହାସହ ସେମାନେ ବ୍ଲକ ଅଫିସ୍ ସମ୍ମୁଖରେ ଧାରଣାରେ ବସିଛନ୍ତି। ଚାଷୀମାନଙ୍କ ଆନ୍ଦୋଳନକୁ ବିଭିନ୍ନ ସଂଘ ପକ୍ଷରୁ ସମର୍ଥନ କରାଯାଉଛି। ହେଲେ କୌଣସି ପ୍ରଶାସନିକ ଅଧିକାରୀ କି ରାଜନେତା ଚାଷୀଙ୍କ ଦୁଃଖ ବୁଝୁନାହାନ୍ତି। ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ସଭାପତି ବୀରେନ୍ଦ୍ର କର, ସମ୍ପାଦକ ସୁବାଷ ବିଶ୍ୱାଳ, କୀର୍ତ୍ତନ ବିଶ୍ୱାଳ, ଟିକେଲାଲ ମିଶ୍ର, ଜୟ ବାବୁ, ଭୀଷ୍ମଦେବ ପଣ୍ଡା, ଅମୂଲ୍ୟ ସ୍ୱାଇଁ, ଦଶରତ ଭୋଇ ପ୍ରମୁଖ ଏହି ଧାରଣାର ନେତୃତ୍ୱ ନେଇଛନ୍ତି। ଧାନ ବିକ୍ରି ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି କୃଷକ ସଙ୍ଗଠନ ଜଣାଇଛି।

# ରାସ୍ତା ଉପରେ ଶଗଡ଼ ଟାଣି ପ୍ରତିବାଦ

ବୌଦ୍ଧ,୯।୭(ସ୍ୱ.ପ୍ର.)


ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ପ୍ରତିବାଦରେ ବୌଦ୍ଧରେ ଶଗଡ଼ ଟାଣି ପ୍ରତିବାଦ କରାଯାଉଛି।

**ଦରଦାମ ବୃଦ୍ଧି ପ୍ରତ୍ୟାହାର ଦାବିରେ କଂଗ୍ରେସ ପକ୍ଷରୁ ଅଭିନବ ପ୍ରତିବାଦ**

ବର୍ତ୍ତମାନ ସାରା ଦେଶରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହ ପେଟ୍ରୋଲ, ଡିଜେଲ ଓ ଜାଳେଣି ଗ୍ୟାସ ଦର ବଢି ଚାଲିଥିବାରୁ ଏହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡୁଛି। ଏଣୁ ଦରଦାମ୍ ବୃଦ୍ଧି ପ୍ରତ୍ୟାହାର ଦାବି କରାଯାଇଛି। ଶୁକ୍ରବାର ବୌଦ୍ଧରେ ରାସ୍ତା ଉପରେ ଶଗଡ଼ ଟାଣି ଦରଦାମ୍ ବୃଦ୍ଧିର ଅଭିନବ ପ୍ରତିବାଦ କରାଯାଇଛି। ଦରଦାମ୍ ବୃଦ୍ଧି ଯୋଗୁ ବର୍ତ୍ତମାନ ଗରିବ ଓ ଖଟିଖିଆ ଶ୍ରେଣୀର ଲୋକଙ୍କ ଜୀବନ ଜୀବିକା କଷ୍ଟକର ହୋଇପଡିଛି। ଅଖିଳ ଭାରତୀୟ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ଏହି ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ ଶୋଭାଯାତ୍ରା ବୁଟୁପାଲିଠାରୁ ବାହାରି ହାତୀଶାଳ ଛକ, କୋର୍ଟଛକ, ଓ୍ୱାରଲେସ ଛକ ଦେଇ ଏନ୍ଏସି ଛକ ପର୍ଯ୍ୟନ୍ତ ଯାଇଥିଲା। କଂଗ୍ରେସର ନେତା ଓ କର୍ମୀମାନେ ହାତରେ ଥାଳି ଓ ଚାମଚ ଧରି ବଜାଇବା ସହିତ ଏକ ଶଗଡ଼ରେ ବିଭିନ୍ନ ସ୍ଲୋଗାନ ଲେଖି ଟାଣିଟାଣି ଶୋଭାଯାତ୍ରାରେ ନେଇଥିଲେ। ଏହି ବିକ୍ଷୋଭ ଶୋଭାଯାତ୍ରାରେ ବରିଷ୍ଠ ନେତା ନାରାୟଣ ପ୍ରସାଦ ପରିଜା, ପ୍ରଶାନ୍ତ କୁମାର ସାହୁ, ରାଏ ସଞ୍ଜିବ କୁମାର ଦେଓ, ସରୋଜ କୁମାର ପ୍ରଧାନ, ପ୍ରଦୀପ କୁମାର ଦାସ, ପଙ୍କଜ କର୍ଣ୍ଣ, ତପନ କୁମାର ରାଉତରାଏ, ପ୍ରଦ୍ୟୁମ୍ନ ଧଳ, ସମରେଶ ମିଶ୍ର, ଅର୍ଜୁନ ମହାନନ୍ଦିଆ, ଉଦୟନାଥ ଶର୍ମା, କୁମୁଦ କୁଦେଇ, ଜ୍ୟୋତିନ୍ଦ୍ର ସିହ୍ନା, ତାରେଣି ଜେନା, ଶିବ ବେହେରା ଓ ଚିତ୍ତ ବେହେରା ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ପାଳନ

ଅମରପାଲି,୯।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍ଥାନରେ ୭୨ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶତାଧିକ ଗଛ ଲଗାଯାଇଛି। ସୁବଳୟାରେ ସ୍ଥାନୀୟ ହାଇସ୍କୁଲର ଜୁନିୟର ରେଡକ୍ରସ ଆନୁକୂଲ୍ୟରେ ଅନୁଷ୍ଠିତ ବନ ମହୋତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା ଅଧକ୍ଷତା କରିଥିଲେ। ଜିଲା ସାଧନା କର୍ମୀ ଚନ୍ଦ୍ରମଣି ବାଘ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହାଇସ୍କୁଲ ପରିସରରେ ଶତାଧିକ ବୃକ୍ଷ ରୋପଣ କରାଯାଇଥିଲା। ସେହିପରି ଅମରପାଲି ୟୁପି ସ୍କୁଲରେ ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷକଙ୍କ ସହିତ ସ୍ଥାନୀୟ ଯୁବକମାନେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଖେଳପଡିଆ ଚାରିପାଖରେ ଶତାଧିକ ନିମ୍ବ ଓ ଜାମୁ ବୃକ୍ଷରୋପଣ କରାଯାଇଥିଲା। ସେହିପରି ଅମରପାଲିସ୍ଥିତ କେନ୍ଦୁପତ୍ର ରେଞ୍ଜ ଅଫିସ ପରିସରରେ ରେଢ଼ାଖୋଲ ଡିଏଫଓ ଶୁଭଦତ୍ତ ଚମ୍ପତିରାୟ ଓ ରେଞ୍ଜ ଅଧିକାରୀ ଜୟନ୍ତ ଦାଶ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

# ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ନବଯୌବନ

ସୋନପୁର,୯।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ରରେ ଶନିବାର ଶ୍ରୀଜୀଉଙ୍କ ନବଯୌବନ ଅନୁଷ୍ଠିତ ହୋଇଯାଇଛି। ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ ପରେ ଅସୁସ୍ଥ ହୋଇ ଠାକୁର ଅନବସରରେ ଥିଲେ । ପଞ୍ଚମୂଳ, ଦଶମୂଳ ଓ ଫଳମୂଳାଦି ସେବା ପରେ ଶନିବାର ପବିତ୍ର ନେତ୍ରୋତ୍ସବରେ ନବଯୌବନ ପ୍ରାପ୍ତ ହୋଇଛନ୍ତି। ଠାକୁରଙ୍କ ଦର୍ଶନ କଲେ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି। ତେବେ ସରକାରଙ୍କ କୋଭିଡ୍ କଟକଣା ଯୋଗୁ ନବଯୌବନ ଦର୍ଶନରୁ ଭକ୍ତ ବଞ୍ଚିତ ହୋଇଛନ୍ତି। ହୋମ ଯଜ୍ଞ ଓ ପ୍ରତିଷ୍ଠାଦି କାର୍ଯ୍ୟ ପଣ୍ଡିତ ବିଶେଶ୍ୱର ପାଢ଼ୀ, ଦେବାର୍ଚ୍ଚନ ଦାଶ, ଗୁଣାକର ପଣ୍ଡା ସମ୍ପାଦନା କରିଥିଲେ। ତାଳଧ୍ୱଜ, ଦେବଦଳନ, ନନ୍ଦିଘୋଷରେ ନେତ ବନ୍ଧା ଯିବା ସହ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା। ତେବେ ଚଳିତବର୍ଷ ପାତାଳି ଶ୍ରୀକ୍ଷେତ୍ରରେ ରଥ ଗଡିବନି। ଶ୍ରୀଗୁଣ୍ଡିଚା ଦିନ ପାତାଳି ଶ୍ରୀକ୍ଷେତ୍ରକୁ ଭକ୍ତଙ୍କୁ ଆସିବାକୁ ବାରଣ କରାଯାଇଛି । କେବଳ ନୀତିକାନ୍ତିରେ ରଥଯାତ୍ରା ସୀମିତ ରହିବ ।

# ଯାଦବ ଭବନଠାରେ ଭିତ୍ତିପ୍ରସ୍ତର ସ୍ଥାପନ


ଏମପି ସଙ୍ଗୀତା କୁମାରୀ ସିଂଦେଓ ଯାଦବ ଭବନ ପ୍ରଥମ ମହଲାର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ବଲାଙ୍ଗୀର ଅଫିସ, ୯।୭

ବଲାଙ୍ଗୀର ସହର ମଧ୍ୟସ୍ଥଳରେ ଥିବା ଯାଦବ ଭବନର ପ୍ରଥମ ମହଲା କୋଠା ନିର୍ମାଣ ପାଇଁ ସ୍ଥାନୀୟ ଲୋକସଭା ଏମପି ସଙ୍ଗୀତା କୁମାରୀ ସିଂଦେଓ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏମପି ସିଂଦେଓ ତାଙ୍କ ସାଂସଦ ପାଣ୍ଠିରୁ ଏହି କୋଠା ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି । ଯାଦବ ଭବନ ସହରବାସୀଙ୍କ ବିଭିନ୍ନ କାର୍ଯ୍ୟରେ ଆସୁଥିବାରୁ ଏହାକୁ ଏମପି ପ୍ରଶଂସା କରିଥିଲେ। ଆଗକୁ ଯାଦବ ଭବନର ସମ୍ପ୍ରସାରଣ ନିମନ୍ତେ ସାଂସଦ ପାଣ୍ଠିରୁ ଅନୁଦାନ ଯୋଗାଇ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଯାଦବ ସମାଜ ପକ୍ଷରୁ ଏମପି ସିଂଦେଓଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ପୌରାଞ୍ଚଳ ଯାଦବ ସମାଜ ସଭାପତି ପଙ୍କଜ ସେଲମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ମୁଖ୍ୟ ଉପଦେଷ୍ଟା ଛବିଳ ବଗର୍ତ୍ତୀ ପରିଚାଳନା କରିଥିଲେ। ବୀରେନ୍ଦ୍ର ବନ୍‌ଛୋର ମାନପତ୍ର ପାଠ କରିଥିଲେ । ପୌରାଞ୍ଚଳ ସମ୍ପାଦକ ଅରକ୍ଷିତ ଜୁଏଡ, ବାସୁଦେବ ନାଗ, କୃଷ୍ଣଚନ୍ଦ୍ର ବଗର୍ତ୍ତୀ, ବିନୋଦ କାଲସାଏ, ଅଷ୍ଟମୀ ବଗର୍ତ୍ତୀ, ଦୃତି ବାହାନ ଚନ୍ଦନ, ହୃଷୀକେଶ ବନ୍‌ଛୋର, ସତ୍ୟ ନାରାୟଣ ବାଗ, ଖରଦ ମଳ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତ ମହାକୁର ଧନ୍ୟବାଦ ଦେଇଥିଲେ।

# ଦର ବୃଦ୍ଧି ପ୍ରତିବାଦରେ ସାଇକେଲ ରାଲି, ବିକ୍ଷୋଭ



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ।

ବଲାଙ୍ଗୀର ଅଫିସ, ୯।୭

ତୈଳଦର ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଶୁକ୍ରବାର ବଲାଙ୍ଗୀର ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ ସାଇକେଲ ରାଲି ଏବଂ ମହିଳା କଂଗ୍ରେସ ସଭାନେତ୍ରୀ ମିଲନୀ ସାହୁଙ୍କ ନେତୃତ୍ୱରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସାଇକେଲ ରାଲି ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଭୀମଭୋଇ ମେଡିକାଲ କଲେଜ ହସପିଟାଲ ଦେଇ ସମଲେଶ୍ୱରୀ ମନ୍ଦିର, ଡେଲିମାର୍କେଟ, ବିକ୍ରମ ଛକ, ପିପି ଏକାଡେମୀ ଛକ, ରମାଇ ଛକ, ପାଟଣା ହୋଟେଲ ଛକ, ମେନ୍ ମାର୍କେଟ ଦେଇ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ପୂର୍ବରୁ ଉପସ୍ଥିତ ମହିଳା କଂଗ୍ରେସ ସଦସ୍ୟାଙ୍କ ସହ ମିଶି ନଗର କଂଗ୍ରେସ କର୍ମୀମାନେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ପ୍ରତିବାଦ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସରକାର ପୁଞ୍ଜିପତିଙ୍କ ସରକାର ବୋଲି ନାରାବାଜି କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଉପସଭାପତି ମନୀଷ ମିଶ୍ର, କିଷାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଅଜୟ ବାଲୀ, ପ୍ରେମ ପ୍ରକାଶ ମିଶ୍ର, ଅଙ୍କିତ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ସାଇକେଲ ରାଲି

ସୋନପୁର,୯।୭(ନି.ପ୍ର.)

ପେଟ୍ରୋଲ, ଡିଜେଲର ଅହେତୁକ ମୂଲ୍ୟବୃଦ୍ଧି ପ୍ରତିବାଦରେ ସୁବର୍ଣ୍ଣପୁର ଜିଲା କଂଗ୍ରେସ ପକ୍ଷରୁ ଶନିବାର ସାଇକେଲ ରାଲି କରାଯାଇଛି। ଏହି ରାଲି ସୋନପୁର ବ୍ଲକ ଛକ ଠାରୁ ବାହାରି ସହରର ସମସ୍ତ ଓ୍ୱାର୍ଡ ପରିକ୍ରମା କରିଥିଲା। ଦଳର ନେତୃବୃନ୍ଦ, କର୍ମକର୍ତ୍ତା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଗୌରିଶ୍ୟାମ ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର ପଣ୍ଡା, ମାଧବ କୁମ୍ଭାର, ସୂର୍ଯ୍ୟକାନ୍ତି ବାଗ, ବରୁଣ ସୁନା, ମହମ୍ମଦ ଇମ୍ରାନ ଓ ରାଜେନ୍ଦ୍ର ମେହେର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ଭାଜପା ଘେରିଲା ବ୍ଲକ ଅଫିସ



ସୋନପୁର ବ୍ଲକ ସମ୍ମୁଖରେ ଭାଜପା ପକ୍ଷରୁ ଗଣଧାରଣା ଦିଆଯାଇଛି।

ସୋନପୁର,୯।୭(ନି.ପ୍ର.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ) ରେ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ଚାଲିଥିବା ଭାଜପା ଅଭିଯୋଗ ଆଣିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୨ ସୁଦ୍ଧା ଦେଶର ପ୍ରତ୍ୟେକ ଗରିବ ଲୋକଙ୍କୁ ପକ୍କା ଘର ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଥିବା ବେଳେ ରାଜ୍ୟ ସରକାର ଏଥିରେ ପ୍ରତିବନ୍ଧକ ସାଜିଥିବା ଦଳ ଅଭିଯୋଗ କରିଛି। ତେଣୁ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରି ଯୋଜନାରେ ସାମିଲ କରିବା ଦାବିରେ ଭାଜପା କର୍ମୀମାନେ ସୋନପୁର ବ୍ଲକ ଅଫିସ ଘେରାଉ କରିବା ସହ ଶନିବାର ଧାରଣା ଦେଇଥିଲେ। ଜିଲା ସଭାପତି ପ୍ରମୋଦ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବିଶି ଓ ଶ୍ୟାମ ଶତପଥୀ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ । ଏହି ଅବସରରେ ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ଫୋକସ୍ ଆଶାରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ

ବଲାଙ୍ଗୀର ଅଫିସ,୯।୭

**ଓଡ଼ିଶା ରାଜ୍ୟ ସଭା ସଦସ୍ୟଙ୍କୁ ରେଳ ବିଭାଗ**

- ମିଳିଲାନି ମନ୍ତ୍ରୀପଦ, ନିରାଶ ପଶ୍ଚିମ ଓଡ଼ିଶା
- ନାଗରିକ କମିଟି ପକ୍ଷରୁ ନୂଆ ରେଳମନ୍ତ୍ରୀଙ୍କୁ ସ୍ୱାଗତ

କେନ୍ଦ୍ର ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣରେ ଓଡିଶାରୁ ରାଜ୍ୟସଭାକୁ ପ୍ରତିନିଧିତ୍ୱ କରୁଥିବା ଏମପି ଅଶ୍ୱିନୀ ବୈଷ୍ଣବଙ୍କୁ ରେଳ ବିଭାଗ ମନ୍ତ୍ରୀ କରାଯିବା ପରେ ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। ବୈଷ୍ଣବଙ୍କୁ ରେଳ ମନ୍ତ୍ରଣାଳୟ ଦାୟିତ୍ୱ ମିଳିବା ପରେ ସ୍ୱାଧୀନତା ପୂର୍ବରୁ ପ୍ରସ୍ତାବିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ ତ୍ୱରାନ୍ୱିତ ହେବା ଆଶା କରାଯାଉଛି। ତେବେ ପଶ୍ଚିମ ଓଡିଶାରୁ ଭାଜପାର ୫ ଜଣ ଏମପିଙ୍କୁ ନିର୍ବାଚିତ କରି ପଶ୍ଚିମ ଓଡିଶାର ଲୋକେ ଭାଜପା ଉପରେ ଆସ୍ଥା ପ୍ରକଟ କରିଥିଲେ। ହେଲେ ଏହି ଅଞ୍ଚଳର ଜଣେ ବି ଏମପିଙ୍କୁ ସମ୍ପ୍ରସାରିତ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳି ନ ଥିବାରୁ ପଶ୍ଚିମ ଓଡିଶାରେ ଅସନ୍ତୋଷ ପ୍ରକାଶ ପାଇଛି। ଭାଜପା ନେତୃତ୍ୱାଧୀନ ସରକାର ପଶ୍ଚିମ ଓଡିଶାବାସୀଙ୍କୁ ହେୟଜ୍ଞାନ କରିଛି ବୋଲି କୁହାଯାଉଛି। ବିଗତ ଦିଗରେ ଓଡିଶାରୁ ଭକ୍ତଚରଣ ଦାସ ଏବଂ କାହ୍ନୁଚରଣ ଲେଙ୍କା ରେଳବିଭାଗ ରେଳ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ଏବେ ଓଡିଶାରୁ ପ୍ରତିନିଧିତ୍ୱ କରୁଥିବା ରାଜ୍ୟସଭା ଏମପି ବୈଷ୍ଣବଙ୍କୁ ରେଳବିଭାଗ କ୍ୟାବିନେଟ ମନ୍ତ୍ରୀ କରାଯାଇଥିବାରୁ ଓଡିଶା ତାଙ୍କଠାରୁ ଅନେକ କିଛି ଆଶା କରୁଛି। ତାଙ୍କ କାର୍ଯ୍ୟକାଳ ଭିତରେ ଆସନ୍ତା ୩୧ ମାର୍ଚ୍ଚ ୨୦୨୩ ସୁଦ୍ଧା ବହୁ ପ୍ରତୀକ୍ଷିତ ବଲାଙ୍ଗୀର-ଖୋର୍ଦ୍ଧା ରେଳ ଲାଇନ ସମ୍ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି । ଦେଶ ସ୍ୱାଧୀନତାର ୭୪ ବର୍ଷ ପରେ ମଧ ଦେଶର ରାଜଧାନୀ ଦିଲ୍ଲୀକୁ ବଲାଙ୍ଗୀରରୁ ସିଧାସଳଖ ଟ୍ରେନ ଚଳାଚଳ କରୁନାହିଁ। ଦୁର୍ଗ-ପୁରୀ ଏକ୍ସପ୍ରେସ ତଥା ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ମଧ କରୋନା ଯୋଗୁ ବର୍ତ୍ତମାନ ସୁଦ୍ଧା ଚଳାଚଳ କରୁନାହିଁ। ଏଣୁ ଏହା ଚାଲୁ କରିବା ଦିଗରେ ବିହିତ ପଦକ୍ଷେପ ନେବାକୁ ବଲାଙ୍ଗୀର ଏମପି ସଙ୍ଗୀତା ସିଂଦେଓଙ୍କ ଜରିଆରେ କମିଟି ସଦସ୍ୟମାନେ ନୂଆ ରେଳମନ୍ତ୍ରୀ ବୈଷ୍ଣବଙ୍କୁ ଅନୁରୋଧ କରିଥିବା ଜଣାଇଛନ୍ତି। ସମତା ଏକ୍ସପ୍ରେସ ଦୁଇଦିନ ବଲାଙ୍ଗୀର-ବରଗଡ-ସମ୍ବଲପୁର ଦେଇ ଦିଲ୍ଲୀକୁ ଚଲାଯାଉ ବୋଲି ପ୍ରସ୍ତାବ ଦିଆଯାଇଛି । ଜମ୍ମୁତାବୀ ଏକ୍ସପ୍ରେସ ଟିଟିଲାଗଡ ପର୍ଯ୍ୟନ୍ତ ସମ୍ପ୍ରସାରଣ ତଥା ହାୱଡା-ଟିଟିଲାଗଡ ଇସ୍ପାତ ଏକ୍ସପ୍ରେସକୁ କଣ୍ଟାବାଞ୍ଜି ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଦାବି କରାଯାଇଛି। ଟିଟିଲାଗଡରୁ ଆହ୍ଲାବାଦ-ବନାରସ ପର୍ଯ୍ୟନ୍ତ ଏକ ଟ୍ରେନ ଚାଲିବା ପାଇଁ ପ୍ରସ୍ତାବ ଦିଆଯାଇଛି। ବିଚ୍ଛୁପାଲି-ବଲାଙ୍ଗୀର ଟ୍ରେନକୁ ସକାଳେ ଭୁବନେଶ୍ୱର ପର୍ଯ୍ୟନ୍ତ ଚଳାଚଳ କରିବା ପାଇଁ ଦାବି କରାଯାଇଛି। କନ୍ଧମାଳ, ପୁରୀ ଏବଂ ଭୁବନେଶ୍ୱର ଏମପିଙ୍କୁ ମଧ ଦାବି ସମ୍ପର୍କରେ ଅବଗତ କରାଯାଇଛି। ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ବିକ୍ରମାନନ୍ଦ ବହିଦାର, ବିଷ୍ଣୁପ୍ରସାଦ କେଡିଆ, ନିତ୍ୟାନନ୍ଦ ମିଶ୍ର, ବୃନ୍ଦାବନ ବରାଳ, ଛବିଲାଲ ବେହେରା, ନରେଶ କୁମାର ଦାଶ, ଗୋପଭୂଷଣ ନାଥ, ମନୋରଞ୍ଜନ ପୁରୋହିତ, ମନୋରଞ୍ଜନ ସାହୁ, ଧର୍ମବ୍ରତ ରଥ, ପର୍ଶୁରାମ ନାୟକ, ଗୋପବନ୍ଧୁ ପୁରୋହିତ, ଜୟରାମ ମିଶ୍ର ଉପରୋକ୍ତ ଦାବି ଜଣାଇଛନ୍ତି। ଆଗାମୀ ଦିନରେ ବଲାଙ୍ଗୀର ଲୋକସଭା ଏମ୍‌ପିଙ୍କ ନେତୃତ୍ୱରେ ନାଗରିକ କମିଟି ପ୍ରତିନିଧି ମଣ୍ଡଳୀ ଦିଲ୍ଲୀ ଗସ୍ତ କରି ନୂଆ ରେଳମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି।